## ଆଜି କ'ଣ କେଉଁଠି

**ଅନୁଗୋଳ**

■ମିଳିତ ଜନଶୁଣାଣି ଶିବିର
ସ୍ଥାନ- କିଶୋରନଗର ବ୍ଲକ କାର୍ଯ୍ୟାଳୟ
ସମୟ- ପୂର୍ବାହ୍ନ ୧୦ ଘଟିକା।

■ନବମ ଜିଲାସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଘାଟନ
ସ୍ଥାନ- ଅନୁଗୋଳ ଟାଉନ ହାଇସ୍କୁଲ
ସମୟ- ପୂର୍ବାହ୍ନ ୧୧ ଘଟିକା।

**କିଶୋରନଗର**

■କୃଷି ସମାଧାନ ଶିବିର
ସ୍ଥାନ- ଠେଲକୋନାଳି ପଞ୍ଚାୟତ କାର୍ଯ୍ୟାଳୟ
ସମୟ- ଅପରାହ୍ନ ୩ ଘଟିକା।

## ଜେଲ୍‌ରେ ଅନଶନ, ୧୦ ଅସୁସ୍ଥ

ତାଳଚେର, ୮।୧୨(ନି.ପ୍ର.)- ଖଣି ବନ୍ଦ ଆନ୍ଦୋଳନ ଯୋଗୁ ଗତ ୫ ତାରିଖରେ କଲିଆରୀ ପୋଲିସ ଡଥାଁରା ଗ୍ରାମର ୧୯ ଜଣଙ୍କୁ ଗିରଫ କରିଥିଲା। ପୋଲିସର ଏହି ଗିରଫଦାରୀକୁ ବିରୋଧ କରି ସେମାନେ ଜେଲରେ ଅନଶନ ଚଳାଇଛନ୍ତି। ଶୁକଦେବ ସାହୁ, ବିଜୟ ବେହେରା, ସନ୍ତୋଷ ଦେହୁରୀ, ବିମଳ ସାହୁ, ନାରାୟଣ ଦେହୁରୀଙ୍କ ସମେତ ୧୦ ଜଣ ଅସୁସ୍ଥ ହୋଇପଡ଼ିଥିବାରୁ ସେମାନଙ୍କୁ ତାଳଚେର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅବଶିଷ୍ଟ ୯ ଅନଶନକାରୀ ଖାଦ୍ୟ ଗ୍ରହଣ କରିଥିବା ଜେଲ୍ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି।

## ପ୍ରତାରଣା ଅଭିଯୋଗରେ ଯୁବକ ଗିରଫ

ବଇଣ୍ଡା, ୮।୧୨(ଡି.ଏନ.ଏ.)- କିଶୋରନଗର ବ୍ଲକ ହଣ୍ଡପା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ଅଭିଯୋଗରେ ଜରପଡା ଥାନା ଅଞ୍ଚଳର ସୁଶାନ୍ତ କୁମାର ବର୍ଗାଙ୍କୁ ରବିବାର ହଣ୍ଡପା ପୋଲିସ ଗିରଫ କରିଛି। ଏ ସଂକ୍ରାନ୍ତରେ ନଂ. ୨୧୫/୧୯ରେ ଏକ ମାମଲା ରୁଜୁ କରାଯିବା ସହ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସୁଶାନ୍ତ ସମ୍ପୃକ୍ତା ଯୁବତୀଙ୍କୁ ଗର୍ଭବତୀ କରି ପ୍ରତାରଣା କରିଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଥିଲା।

## ପାଲା ମାଧ୍ୟମରେ ସଚେତନତା

ବଇଣ୍ଡା, ୮।୧୨(ଡି.ଏନ.ଏ.)- ସାରା ରାଜ୍ୟରେ ବହୁ ସଂଖ୍ୟାରେ ଲୋକେ ଚିଟ୍‌ଫଣ୍ଡରେ ଅର୍ଥ ରଖି ଠକେଇର ଶିକାର ହୋଇଛନ୍ତି। ତେଣୁ ଲୋକେ ଅଧିକ ଅର୍ଥ ପାଇବା ଲୋଭର ବଶବର୍ତ୍ତୀ ନ ହୋଇ ଚିଟଫଣ୍ଡରୁ ଦୂରେଇ ରହିବା ପାଇଁ ପ୍ରଶାସନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। କିଶୋରନଗର ବ୍ଲକ ନାକିଚି, ବଇଣ୍ଡା, ହଣ୍ଡପା ଆଦି ଗ୍ରାମଗୁଡିକରେ ପାଲା ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପାଲା ଗାୟକ ଜଗତମୋହନ ମିଶ୍ର, ବୀରବର ସ୍ୱାଇଁ, ରଘୁନାଥ ବେହେରା, ଈଶ୍ୱର ନାୟକ, ପରମେଶ୍ୱର ସାହୁ ଯୋଗଦେଇ ଲୋକେ ଚିଟଫଣ୍ଡରୁ ଦୂରେଇ ରହିବେ ସେ ନେଇ ସଚେତନ କରାଇଥିଲେ।

## ଠେଙ୍ଗଡ଼ିଜୀଙ୍କ ଜନ୍ମ ଶତବାର୍ଷିକୀ

ଅନୁଗୋଳ ଅଫିସ, ୮।୧୨- ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠାତା ସ୍ୱର୍ଗତ ବାପୁରାଓ ଦତ୍ତୋପନ୍ତ ଠେଙ୍ଗଡ଼ିଜୀଙ୍କ ଜନ୍ମ ଶତବର୍ଷିକ କାର୍ଯ୍ୟକ୍ରମ ସ୍ଥାନୀୟ ଜିଲା ପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଗୋଳର ବରିଷ୍ଠ ଓକିଲ ପରମାନନ୍ଦ ମିଶ୍ର ସଭାପତିତ୍ୱ କରିଥିଲେ। ଅନୁଗୋଳ ଜିଲାରେ କାର୍ଯ୍ୟରତ ଓ ଭାରତୀୟ ମଜଦୁର ସଂଘ ଅନୁବନ୍ଧିତ ଅଙ୍ଗନୱାଡ଼ି ସଂଘ, ଆଶାକର୍ମୀ ସଂଘ, ବିଡି ମଜଦୁର ସଂଘ, ହାଲୁକା ଯାନ ଚାଳକ ସଂଘ, ନାଲ୍‌କୋ, ଏନ୍‌ଟିପିସି, ଟିଟିପିଏସ୍, ଏମ୍‌ସିଏଲ୍, ଜେଆଇଟିପିଏଲ, ଠିକା ମଜଦୁର ସଂଘ କର୍ମକର୍ତ୍ତାଙ୍କ ସହ ଅନୁଗୋଳର ବୁଦ୍ଧିଜୀବୀ ଓ ସାଧାରଣ ଜନତା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଅନିଲ କୁମାର ମିଶ୍ର, ମୁଖ୍ୟଅତିଥି ଭାବେ କଲ୍ୟାଣ ରାୟ, ସମ୍ମାନିତ ଅତିଥି ରାଷ୍ଟ୍ରୀୟ ସମ୍ପାଦକ ଗୋକୁଳାନନ୍ଦ ଜେନା ଓ ବିଏମ୍‌ଏସ୍ ରାଜ୍ୟ ସାଧାରଣ ସମ୍ପାଦକ ବିନୟ କୁମାର ତ୍ରିପାଠୀ ମଞ୍ଚାସୀନ ଥିଲେ। ଏହି ଜନ୍ମ ଶତବାର୍ଷିକୀ କାର୍ଯ୍ୟକ୍ରମ ଏକ ବର୍ଷ ପର୍ଯ୍ୟନ୍ତ ସାରା ଦେଶରେ ପାଳନ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ରମେଶ ଚନ୍ଦ୍ର ବେହେରା, ସଚ୍ଚିଦାନନ୍ଦ ଗଡନାୟକ, ପ୍ରଶ୍ନ ସାହୁ, ମନୋଜ ଅମାନ୍ତ, ସଞ୍ଜୟ ମାଝି, ଶଶିକାନ୍ତ ନାୟକ, ସତ୍ୟଶମ୍ଭୁ ନାଏକ, ପ୍ରଦୀପ ରଣା, ବାଇଧର ସାମଲ, ବିଭୂତି ମହାପାତ୍ର, ମାମିନା ମକ୍ସୀ, ସବିତା ଦେହୁରୀ, ଜୁଲି କୁମାରୀ ସ୍ୱାଇଁ, ବିଜୟ ସାହୁ, ପ୍ରଭାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଯାଞ୍ଚ, ଜରିମାନା ଆଦାୟ

ବଇଣ୍ଡା, ୮।୧୨(ଡି.ଏନ.ଏ.)- ହଣ୍ଡପା ପୋଲିସ ପକ୍ଷରୁ ଗାଡ଼ିମୋଟର ଯାଞ୍ଚ କରାଯାଇଛି। ଉଭୟପାର୍ଶ୍ୱରୁ ଆସୁଥିବା ଗାଡ଼ିଗୁଡିକୁ ଅଟକାଇ ହେଲମେଟ ସହ କାଗଜପତ୍ର ଯାଞ୍ଚ କରାଯାଇଥିଲା। ଏଥିରେ ୬ଟି ମାମଲା ରୁଜୁ କରାଯାଇ ୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

■ଟ୍ରକ୍ ଧକ୍କାରେ ସାଇକେଲ ଆରୋହୀ ମୃତ

# ଉତ୍ତେଜନା, ରାଜପଥ ଅବରୋଧ



ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ରାଜପଥ ଅବରୋଧ କରିଛନ୍ତି।

**ଅନୁଗୋଳ ଅଫିସ, ୮।୧୨**

ଅନୁଗୋଳ ସହରସ୍ଥିତ ଅଗ୍ନିଶମ ବିଭାଗ ଛକରେ ଶନିବାର ଏକ ଦୁର୍ଘଟଣାରେ ସୌଭାଗ୍ୟନଗରର ଦୋଳ ଗୋଚ୍ଛାୟତ(୩୨)ଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ସେମାନେ ରାଜପଥ ଉପରକୁ ଚାଲିଆସି ଆନ୍ଦୋଳନ କରିଥିଲେ। ଖବରପାଇ ଅନୁଗୋଳ ଥାନା ଅଧିକାରୀ ଏକ ପ୍ଲାଟୁନ୍ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ପ୍ରକାଶ ଯେ, ଅପରାହ୍ନରେ ଦୋଳ ସାଇକେଲ୍‌ରେ ଘରକୁ ଫେରୁଥିବା ବେଳେ ସହର ପାର୍ଶ୍ୱରୁ ଆସୁଥିବା ଏକ ଟ୍ରକ୍ (ନଂ. ଓଆର-୦୯-ଜେ-୪୮୭୨) ପଛପଟୁ ତାଙ୍କୁ ଧକ୍କା ଦେଇଥିଲା। ଖବରପାଇ ପୋଲିସ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ହେଁ ସେଠାରେ ଡାକ୍ତର ଦୋଳଙ୍କୁ ମୃତ ଘୋଷଣା କରିଥିଲେ। ପରେ ଘଟଣାସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାଜପଥ ଅବରୋଧ କରିଥିଲେ। ଉତ୍ତ୍ୟକ୍ତ ଲୋକଙ୍କୁ ପୋଲିସ ବୁଝାଶୁଝା କରି କ୍ଷତିପୂରଣ ପାଇଁ ଗାଡ଼ି ମାଲିକଙ୍କ ସହ ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଲୋକମାନେ ଶାନ୍ତ ପଡ଼ିଥିଲେ। ସୂଚନାଯୋଗ୍ୟ ଯେ, ମୃତ ଦୋଳଙ୍କ ପୈତୃକ ଘର ବନ୍ତଳା ଥାନା ଡୁମୁଣି ଅଞ୍ଚଳରେ ହୋଇଥିବାବେଳେ ସେ ସୌଭାଗ୍ୟନଗରରେ ରହି ଏକ ହୋଟେଲରେ ସଫେଇ କର୍ମଚାରୀଭାବେ କାର୍ଯ୍ୟ କରୁଥିଲେ।



କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର।

# ବଚପନ ପ୍ଲେ ସ୍କୁଲର ବାର୍ଷିକ କ୍ରୀଡ଼ା

**ଅନୁଗୋଳ ଅଫିସ, ୮।୧୨**

ଅନୁଗୋଳ ମିଶ୍ରପଡ଼ାସ୍ଥିତ ବଚପନ ପ୍ଲେ ସ୍କୁଲରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଫରେଷ୍ଟ ରେଞ୍ଜର୍ସ ଟ୍ରେନିଂ କଲେଜ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ରୋଟାରି ରୟାଲ କ୍ଲବ ସଭାପତି ବିଶ୍ୱଜିତ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରି ପାଠପଢ଼ା ସହିତ ଛାତ୍ରୀଛାତ୍ରଙ୍କ ପାଇଁ ଖେଳକୁଦର ଆବଶ୍ୟକତା ଜରୁରୀ ବୋଲି କହିଥିଲେ। ଏହାପରେ କୁନି କୁନି ପିଲାମାନଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତା କରାଯାଇଥିଲା। ସେହିପରି ଅଭିଭାବମାନଙ୍କ ମଧ୍ୟରେ ମଧ୍ୟ ଦୌଡ଼ ଓ ମ୍ୟୁଜିକ ଚେୟାର ପ୍ରତିଯୋଗିତା ହୋଇଥିଲା। ମୁଖ୍ୟଅତିଥି କୃତୀ ଶିଶୁ ଓ ଅଭିଭାବକଙ୍କୁ ମାନପତ୍ର ସହ ପୁରସ୍କାର ବିତରଣ କରିଥିଲେ। ସ୍କୁଲ ଅଧ୍ୟକ୍ଷା ଯସପାଲ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସମସ୍ତ ଶିକ୍ଷୟିତ୍ରୀ ଓ କର୍ମଚାରୀ ଯୋଗଦେଇ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। କ୍ରୀଡ଼ା ଶିକ୍ଷକ ହୃଦାନନ୍ଦ ପଣ୍ଡା, କେଶବ ଚନ୍ଦ୍ର ଧଳ ଓ କ୍ରୀଡ଼ା ଶିକ୍ଷୟିତ୍ରୀ ସ୍ନିଗ୍ଧାରାଣୀ ଦାସ ସହଯୋଗ କରିଥିଲେ। ସ୍କୁଲ ନିର୍ଦ୍ଦେଶିକା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

■ପାଲଲହଡ଼ା କପ୍ କ୍ରିକେଟ

# ଫାଇନାଲରେ ନାଲ୍‌କୋ



ଶ୍ରେଷ୍ଠ ଖେଳାଳି ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ପାଲଲହଡ଼ା, ୮।୧୨(ଡି.ଏନ.ଏ.)**

ପାଲଲହଡ଼ା ଷ୍ଟାଡିୟମଠାରେ କବସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨୧ ତମ ପାଲଲହଡ଼ା କପ୍ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ରବିବାର ଅନୁଗୋଳ ଏକାଦଶ ଓ ନାଲ୍‌କୋ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଏକାଦଶ ପ୍ରଥମେ ବ୍ୟାଟିଂ କରି ୧୪୮ ରନ୍ କରିଥିବାବେଳେ ଜବାବରେ ନାଲ୍‌କୋ ୧୪୯ ରନ୍ କରି ବିଜୟୀ ହୋଇଥିଲା। ନାଲ୍‌କୋ ଦଳର ମନୀଷ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ରମେଶ ଚନ୍ଦ୍ର ପ୍ରଧାନ ଏବଂ ମାଧବ ସାହୁ ଅମ୍ପାୟର ଭାବେ ଖେଳ ପରିଚାଳନା କରିଥିଲେ।

■ସାତକୋଶିଆ ମହୋତ୍ସବ ଉଦ୍‌ଯାପିତ

# ତାଳବାଦ୍ୟ, ଓଡ଼ିଶୀ ନୃତ୍ୟରେ ଦର୍ଶକ ବିମୋହିତ

**ଅନୁଗୋଳ ଅଫିସ, ୮।୧୨**

ଅନୁଗୋଳ ଅମଲାପଡ଼ାସ୍ଥିତ ବାସନ୍ତୀ ଦୁର୍ଗାପୂଜା ପଡ଼ିଆରେ ନୃତ୍ୟ ନିଳୟ ପକ୍ଷରୁ ଚାଲିଥିବା ସପ୍ତମ ସାତକୋଶିଆ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଅନୁଗୋଳ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶାର କଳା, ସଂସ୍କୃତି, ନୃତ୍ୟ, ସଙ୍ଗୀତ ଏବେ ବିଶ୍ୱ ପରିବ୍ୟାପ୍ତ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ ଓ ଗୁରୁ ଅନିତା ସିଂହଦେଓ ଯୋଗଦେଇ ଅନୁଗୋଳ ଜିଲାରେ ପର୍ଯ୍ୟଟନ ଏବଂ ସଂସ୍କୃତିର ବିକାଶ ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଅନୁଷ୍ଠାନର ଉପଦେଷ୍ଟା ହେମନ୍ତ ଦାଶ ନୃତ୍ୟ ନିଳୟର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସମାରୋହରେ ଓଡ଼ିଶାର ବିଶିଷ୍ଟ ମାର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁଙ୍କୁ ସାତକୋଶିଆ ସମ୍ମାନ ପ୍ରଦାନ କରାଯାଇଥିଲା। ଅତିଥିମାନେ ଅନୁଷ୍ଠାନର ସ୍ମରଣିକାକୁ ମଧ୍ୟ ଉନ୍ମୋଚନ କରିଥିଲେ। ନୃତ୍ୟ ନିଳୟରେ ବିଭିନ୍ନ କୃତୀ ଛାତ୍ରୀମାନଙ୍କୁ ମଧ୍ୟ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ଗୁରୁ ଧନେଶ୍ୱର ସ୍ୱାଇଁ ଓ ସାଥିଙ୍କ ଦ୍ୱାରା ଓଡ଼ିଶୀ ମାର୍ଦ୍ଦଳ ଧ୍ୱନି ପ୍ରତିଧ୍ୱନି, କଟକ ସୁର୍ ମନ୍ଦିର ପକ୍ଷରୁ ଜ୍ୟୋତ୍ସ୍ନା ସାହୁଙ୍କ ଓଡ଼ିଶୀ ନୃତ୍ୟ, କଲିକତାରୁ ଆସିଥିବା କାବେରୀ ପୁଇତାଣ୍ଡିଙ୍କ ଦ୍ୱାରା ଗୌଡ଼ୀୟ ନୃତ୍ୟ ଓ ନୃତ୍ୟ ନିଳୟ ପକ୍ଷରୁ ଦଳଗତ ଓଡ଼ିଶୀ ନୃତ୍ୟ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ଯଜ୍ଞ ରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ନୃତ୍ୟ ନିଳୟ ସମ୍ପାଦିକା ସ୍ୱପ୍ନାରାଣୀ ସିହ୍ନା ଧନ୍ୟବାଦ ଅର୍ପଣ କରିଥିଲେ।



ନୃତ୍ୟଶିଳ୍ପୀ ଜଲସା ଚନ୍ଦ୍ରାଙ୍କ ଦ୍ୱାରା ଭାରତ ନାଟ୍ୟମ ପରିବେଷଣ କରାଯାଉଛି।

# ପୂରିଲାଣି ଅବଧି, ସରୁନି କାମ

**ପରଜଙ୍ଗ, ୮।୧୨(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କୁଲେଇ ଗ୍ରାମ ନିକଟ ୧୪୯ନଂ. ଜାତୀୟ ରାଜପଥଠାରୁ ରେଙ୍ଗାଳି ମୁଖ୍ୟ ବାମକେନାଲ ଦେଇ ମାଣିକମରା ପଞ୍ଚାୟତର ଜକାକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ କଚ୍ଛପ ଗତିରେ ଚାଲିଛି। ଫଳରେ ଏହି ରାସ୍ତା ଉପରେ ନିର୍ଭରଶୀଳ ୫ରୁ ଊର୍ଦ୍ଧ୍ୱ ଗ୍ରାମର ହଜାର ହଜାର ଜନସାଧାରଣ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି।

ଚଳିତ ବର୍ଷ ଜାନୁୟାରୀ ୩୧ରେ ଏହି ରାସ୍ତାର ଶିଳାନ୍ୟାସ ତତ୍କାଳୀନ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ନୃସିଂହ ଚରଣ ସାହୁଙ୍କ ଦ୍ୱାରା ହୋଇଥିଲା। ୧୫ କିମି ଦୈର୍ଘ୍ୟ ବିଶିଷ୍ଟ ଏହି ରାସ୍ତା ଲାଗି ୪ କୋଟି ୬୬ଲକ୍ଷ ୭୩ ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଠିକାଦାରଙ୍କ ସହ ଚୁକ୍ତି ସ୍ୱାକ୍ଷରିତ ପରେ ଫେବୃୟାରୀ ୨୦ରୁ ଏହାର କାମ ଆରମ୍ଭ ହୋଇଛି। ଏହାର ନିର୍ମାଣ ଶେଷ ଅବଧି ରହିଥିଲା ସେପ୍ଟେମ୍ବର ୧୯। ହେଲେ ନିର୍ଦ୍ଧାରିତ ସମୟ ଅତିକ୍ରାନ୍ତ କରିସାରିଥିଲେ ମଧ୍ୟ ୧୫କିମି ରାସ୍ତାରୁ ମାତ୍ର ୬ କିମିରେ ମେଟାଲ, କ୍ରଶର ଗୁଣ୍ଡ ପକାଇ ଡବ୍ଲୁଏମଏମ୍ ପକାଯାଇଛି। ନିର୍ମାଣ ଅବଧି ସରିବା ସତ୍ତ୍ୱେ ରାସ୍ତା କାମ ଅଧା ବି ଶେଷ ହୋଇନାହିଁ। ତେଣୁ କେବେ ଏହା ସରିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉକ୍ତ ରାସ୍ତାରେ କୁଲେଇ, ବସୁଲେଇ, ଗେଙ୍ଗୁଟିଆ, କାଦପଡ଼ା, ମାଣିକମରା, ଜକା ଗ୍ରାମବାସୀ ନିର୍ଭର କରନ୍ତି। ହେଲେ କାମ ସରୁ ନ ଥିବାରୁ ଗାଡ଼ି ଗଲେ ଧୂଳି ଉଡ଼ି ଦୁର୍ଘଟଣା ଘଟୁଛି। ଅନ୍ୟପଟେ ରାସ୍ତାକାମ ନିମ୍ନମାନର ହେଉଥିବା ସମ୍ପୃକ୍ତ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତା କାମ ସାରିବା ଦିଗରେ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି।

ଏ ନେଇ ଯନ୍ତ୍ରୀ ନିବେଶ କୁମାର ମାଝି କୁହନ୍ତି, କାମ ନେଇଥିବା ଠିକାଦାର ବିଶ୍ୱଜିତ ସାହୁଙ୍କୁ କାମ ସାରିବାକୁ ୨ଥର ଚିଠି କରାଯାଇଛି। ଶେଷ ଥର ରିମାଇଣ୍ଡର ନୋଟିସ ଦିଆଯିବ। ଏହାପରେ କ୍ଲୋଜର ପ୍ରପୋଜାଲ ପଠାଯିବ। ଆବଶ୍ୟକ ପଡ଼ିଲେ ପୁନର୍ବାର ଟେଣ୍ଡର କରାଯାଇ କାମ କରାଯିବ। ବ୍ଲକ ଅଧ୍ୟକ୍ଷ ଅକ୍ଷୟ କୁମାର ବେହେରା କୁହନ୍ତି, ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅବଗତ କରାଯାଇଛି। ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ତେଣୁ କାମରେ ବିଳମ୍ବ ହେଉଛି। ଏବେ ବି କାମ ବନ୍ଦ ରହିଛି। ଠିକାଦାର ବିଶ୍ୱଜିତ ସାହୁ କୁହନ୍ତି, ବିଭାଗ ସହିତ ଡିସ୍‌ପୁଟ ଥିବାରୁ କାମ ବିଳମ୍ବ ହେଉଛି। କିଛି ମାସରେ କାମ ସାରିବାକୁ ଉଦ୍ୟମ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।



■୨ୟ ରୁଚି ଅନୁଗୋଳ ଉତ୍କର୍ଷ ସମ୍ମାନ- ୨୦୧୯

# ସମ୍ବର୍ଦ୍ଧିତ ହେଲେ ୮ ପ୍ରତିଭା



ବିଜୁ ମଇଦାନ ଠାରେ ୨ୟ ରୁଚି ଅନୁଗୋଳ ଉତ୍କର୍ଷ ସମ୍ମାନ-୨୦୧୯ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

**ଅନୁଗୋଳ ଅଫିସ, ୮।୧୨**

ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଡ୍ରିମ୍ ଫାଉଣ୍ଡେଶନ ଆନୁକୂଲ୍ୟରେ ଅନୁଗୋଳର ବିଜୁ ମଇଦାନ ଠାରେ ୨ୟ ରୁଚି ଅନୁଗୋଳ ଉତ୍କର୍ଷ ସମ୍ମାନ-୨୦୧୯ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଭା ପୂଜନ ସମାରୋହରେ ଅନୁଗୋଳ, ଢେଙ୍କାନାଳ ଓ କେନ୍ଦୁଝର ଜିଲାର ୮ ଜଣ ଶ୍ରେଷ୍ଠ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

ଉଦ୍‌ଘାଟନୀ ସନ୍ଧ୍ୟାର କାର୍ଯ୍ୟକ୍ରମକୁ ପୂର୍ବତନ ଏମ୍‌ପି ତଥା କବି ଡ. ପ୍ରସନ୍ନ କୁମାର ପାଟ୍ଟଶାଣୀ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ଉତ୍ତରକେନ୍ଦ୍ରାଞ୍ଚଳ ଡିଆଇଜି ନରସିଂହ ଭୋଳ, ଅନୁଗୋଳ ଏସ୍‌ପି ଜଗମୋହନ ମୀନା, ନାଲ୍‌କୋର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଏମ୍.ପି. ମିଶ୍ର, ପୂର୍ବତନ ପ୍ରଶାସକ ହେମନ୍ତ କୁମାର ଦାଶ, ମହାନଦୀ କୋଲଫିଲ୍ଡସ ଜଗନ୍ନାଥ ଅଞ୍ଚଳର ମହାପ୍ରବନ୍ଧକ ଏ.ଏମ୍. କର, ଶିକ୍ଷାବିତ୍ ଡ. ମନୋଜ କୁମାର ଦାଶ, ବାସୁଦେବ ଭଞ୍ଜ ଓ ବ୍ୟବସାୟୀ ମହେଶ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆଦିତ୍ୟବାହିନୀ ଗୋବର୍ଦ୍ଧନ ମଠ ପୁରୀର ମହାସଚିବ ତଥା ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ପଣ୍ଡିତ ମାତୃପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଲମ୍ବୋଦର ସାହୁ, ବିଶ୍ୱଜିତ୍ ପଟ୍ଟନାୟକ, ଦିବାକର ମହନ୍ତ, ଗୁରୁପ୍ରସାଦ ମିଶ୍ର, ମିସ୍ ରମ୍ଭା ସାହୁଙ୍କୁ ଶ୍ରେଷ୍ଠ କ୍ରୀଡ଼ାବିତ୍, ଏନ୍‌ଟିପିସିକୁ ଶ୍ରେଷ୍ଠ କର୍ପୋରେଟ ହାଉସ (କମ୍ପାନୀ ସାମାଜିକ ଦାୟିତ୍ୱବୋଧ) ସମ୍ମାନ, ରାବଣଛାୟା ନୃତ୍ୟକୁ ଶ୍ରେଷ୍ଠ କଳା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଓଲିଉଡ଼ର ହାସ୍ୟ ଅଭିନେତା ପପୁ ପମ୍‌ପମ୍, ଅଭିନେତ୍ରୀ ତମନ୍ନା, ପ୍ରଚ୍ଛଦପଟ କଣ୍ଠଶିଳ୍ପୀ ଆଶୁତୋଷ ଓ ନୃତ୍ୟାନୁଷ୍ଠାନ ଆର.ଡି. ଏକ୍ସରର କଳାକାରମାନେ ଉପସ୍ଥିତ ଦର୍ଶକମାନଙ୍କ ମନୋରଞ୍ଜନ କରିଥିଲେ। ଉଲ୍ଲାସ ଚନ୍ଦ୍ର ବେହୁରା ଓ ଶେଫାଳୀ ଉଦ୍‌ଗାତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସରୋଜ କୁମାର ପାଳ, ଶ୍ରୀକାନ୍ତ କୁମାର ଧର, ଆଦିତ୍ୟ ମହାପାତ୍ର, ରଶ୍ମିରଞ୍ଜନ ସାହୁ, ପଦ୍ମଚରଣ ପ୍ରଧାନ, ପୱନ ମାଣ୍ଡୋଠିଆ, ଉତ୍ତାନୁପାଦ ମହାପାତ୍ର, ସୌରୀ ରଞ୍ଜନ ପଣ୍ଡା, ତରୁଣ ବିଶ୍ୱକର୍ମା, ଜୟନ୍ତ କର, ସାଗର ସୌଭାଗ୍ୟ ପ୍ରଧାନ, ସିଦ୍ଧେଶ୍ୱର ପାଣି, ଆଗ୍ନେୟ ମହାପାତ୍ର, ଟିମୁ ବେହେରା ଓ ପ୍ରଦ୍ୟୁତ୍ ଘୋଷ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଅପହୃତା ନାବାଳିକା ଉଦ୍ଧାର, ଅଭିଯୁକ୍ତ ଗିରଫ

ଔପଦା, ୮।୧୨: ବାଲେଶ୍ୱର ଜିଲା ଔପଦା ଅଞ୍ଚଳରୁ ଅପହରଣ କରି ନିଆଯାଇଥିବା ଜଣେ ନାବାଳିକାଙ୍କୁ ପୋଲିସ ଉଦ୍ଧାର କରି ଅଭିଯୁକ୍ତ ଅପହରଣକାରୀ ଅଜୟ ମଲ୍ଲିକ(୨୫)ଙ୍କୁ ଗିରଫ କରିଛି। ଏ ନେଇ ଔପଦା ଥାନାରେ ପୋଲିସ ଏକ ମାମଲା (ନଂ. ୮୭/୧୯ ରୁଜୁ କରି ଶନିବାର ତାଙ୍କୁ କୋର୍ଟ ଚାଲାଣ କରିଛି। ଉଦ୍ଧାର ନାବାଳିକାଙ୍କୁ ପରିବାର ଜିମା ଦେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ପୋଲିସ ସୂଚନା ଅନୁଯାୟୀ ନାବାଳିକା ଜଣକ ଗତ ୫ ତାରିଖରେ କୌଣସି କାମ ପାଇଁ ଖଇରା ବଜାରକୁ ଯାଇ ଘରକୁ ଫେରୁଥିବା ସମୟରେ ଖଇରା ଓ ଫତେପୁର ରାସ୍ତାରୁ ତାଙ୍କୁ ଅପହରଣ କରି ନିଆଯାଇଥିଲା। ସନ୍ଧ୍ୟା ସୁଦ୍ଧା ଝିଅ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ଶେଷରେ ଔପଦା ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ପ୍ରଶାନ୍ତ କୁମାର ଜେନା ଘଟଣାର ତଦନ୍ତ କରି ଚାନ୍ଦିପୁର ଥାନା ସହାୟତାରେ ରଣସାହି ଗ୍ରାମରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଅଜୟଙ୍କୁ ଗିରଫ କରିଥିଲେ।

### କାମରେ ଆସୁନି ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଯାନ

ବାରିପଦା ଅଫିସ,୮।୧୨

ରକ୍ତ ଅଭାବରୁ ରୋଗୀମାନେ ଯେଭଳି ମୃତ୍ୟୁବରଣ ନ କରନ୍ତି, ତାହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଯାନର ବ୍ୟବସ୍ଥା କରିଛନ୍ତି। ଷ୍ଟେଟ ବ୍ଲଡ ଟ୍ରାନ୍ସଫ୍ୟୁଜନ କାଉନସିଲ ଓ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବାରିପଦା ବ୍ଲଡ ବ୍ୟାଙ୍କ ସମେତ ରାଜ୍ୟର ୯ଟି ବ୍ଲଡ ବ୍ୟାଙ୍କକୁ ଏଭଳି ଯାନ ପ୍ରଦାନ କରାଯାଇଛି। ଯେକୌଣସି ସ୍ଥାନରେ ରକ୍ତଦାନ ଶିବିର ଆୟୋଜନ କରାଗଲେ ସେଠାକୁ ଏହି ଭ୍ରାମ୍ୟମାଣ ଯାନ ଯାଇ ରକ୍ତ ସଂଗ୍ରହ କରିବା ବ୍ୟବସ୍ଥା ରହିଛି। ଏହି ରକ୍ତ ସଂଗ୍ରହ ଯାନରେ ଦୁଇଟି ବେଡ ସାଙ୍ଗକୁ ଅତ୍ୟାଧୁନିକ ବ୍ୟବସ୍ଥା ରହିଛି। ଉକ୍ତ ଯାନର ମୂଲ୍ୟ ପ୍ରାୟ ୭୦ ଲକ୍ଷ ଟଙ୍କା ହେବ। ଗତ ନଭେମ୍ବର ମାସରେ ଏହି ଯାନ ବାରିପଦାକୁ ଆସିଥିଲେ ମଧ ଗାଡ଼ିର ରେଜିଷ୍ଟ୍ରେଶନ ହୋଇ ନ ଥିବାରୁ ଏହା କାମରେ ନ ଲାଗି ସ୍ଥାନୀୟ ବ୍ଲଡ ବ୍ୟାଙ୍କ ପରିସରରେ ପଡ଼ି ରହିଛି। ଦୀର୍ଘ ଦିନ ହେଲା ଏହା ପଡ଼ି ରହିଥିବାରୁ ମେଶିନ ଓ ଅନ୍ୟ ସାମଗ୍ରୀ ଖରାପ ହୋଇଯିବାର ଆଶଙ୍କା ରହିଛି। ଏ ଦିଗରେ ସ୍ୱାସ୍ଥ୍ୟ ବିଭାଗ ଧ୍ୟାନ ଦେଇ ତୁରନ୍ତ ଗାଡ଼ିର ରେଜିଷ୍ଟ୍ରେଶନ କରି ଏହାକୁ କାର୍ଯ୍ୟକ୍ଷମ କରିବା ସକାଶେ ଅଞ୍ଚଳବାସୀ ଦାବି କରିଛନ୍ତି। ତେବେ ଗାଡ଼ିର ରେଜିଷ୍ଟ୍ରେଶନ ପାଇଁ ଆବଶ୍ୟକ କାଗଜପତ୍ର ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ପଠାଯାଇଛି ବୋଲି ବ୍ଲଡ ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

■ତାଳଚେର ବିଧାୟକଙ୍କ ସୁରକ୍ଷା ପାଇଁ ଦାବିପତ୍ର

# ୧୬ ଭିତରେ ଦୁର୍ବୃତ୍ତ ଗିରଫ ନ ହେଲେ ଧାରଣା



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ତାଳଚେରର ଜନସାଧାରଣ।

ଅନୁଗୋଳ ଅଫିସ, ୮।୧୨

ଅନୁଗୋଳ ଜିଲା ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନଙ୍କୁ କେହି ଟାର୍ଗେଟ୍ କରୁଛନ୍ତି। ବାରମ୍ବାର ତାଙ୍କ ଗାଡ଼ି ପୋଡ଼ି ଦେଉଛନ୍ତି। ଏପରି କି ତାଙ୍କ ତାଳଚେରସ୍ଥିତ ବାସଭବନରେ ମଧ ନିଆଁ ଲଗାଇ ଦେବାକୁ ନିକଟ ଅତୀତରେ ଉଦ୍ୟମ କରାଯାଇଛି। ତେଣୁ ବିଧାୟକଙ୍କ ଜୀବନ ପ୍ରତି ବିପଦ ଥିବାରୁ ତାଙ୍କୁ ସୁରକ୍ଷା ଯୋଗାଇ ଦିଆଯାଉ ବୋଲି ତାଳଚେର ନିର୍ବାଚନମଣ୍ଡଳୀର ଜନସାଧାରଣ ରବିବାର ଅନୁଗୋଳ ଜିଲାପାଳଙ୍କ ଅନୁପସ୍ଥିତିରେ ଉପଜିଲାପାଳ ବାସୁଦେବ ଶତପଥୀ ଏବଂ ଏସ୍‌ପି ଜଗମୋହନ ମୀନାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି ଯେ, ଶନିବାର ବିଳମ୍ବିତ ରାତିରେ ବିଧାୟକ ପ୍ରଧାନଙ୍କ ଭରତପୁରସ୍ଥିତ କ୍ୟାମ୍ପ କାର୍ଯ୍ୟାଳୟରେ ଥିବା ଗାଡ଼ିରେ କେହି ନିଆଁ ଲଗାଇ ଦେଇଥିଲେ। ଏହା ପୂର୍ବରୁ ମଧ ତିନି ଥର ତାଙ୍କ ଗାଡ଼ି ଉପରେ ଆକ୍ରମଣ ହେଲାଣି। କିନ୍ତୁ ପୋଲିସ ଦୁର୍ବୃତ୍ତଙ୍କୁ ଧରିବାରେ ସକ୍ଷମ ହେଉନାହିଁ। ତେଣୁ ସମ୍ପୃକ୍ତ ଦୁର୍ବୃତ୍ତମାନଙ୍କୁ ଧରାଯିବା ସହ ବିଧାୟକଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ତାଳଚେର ବାସିନ୍ଦା ଦାବି କରିଛନ୍ତି। ଆସନ୍ତା ୧୬ ତାରିଖ ସୁଦ୍ଧା ଏ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଜନସାଧାରଣ ଅନିର୍ଦ୍ଦିଷ୍ଟ କାଳ ଯାଏ ଗଣଧାରଣା ଦେବାକୁ ବାଧ୍ୟ ହେବେ ବୋଲି ଦାବିପତ୍ରରେ ଚେତାବନୀ ଦିଆଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ତାଳଚେରର ରାଜକିଶୋର ପ୍ରଧାନ, ଜୟକିଶୋର ସାହୁ, ମୁରଲୀଧର ସାହୁ, ଦୀନେଶ ପ୍ରଧାନ, ପର୍ଶୁରାମ ସାହୁ, ଅମିତ କୁମାର ସାହୁ, ଦିଲୀପ କୁମାର ପ୍ରଧାନ, ସୁମିତ୍ରା ସାହୁ, ଜୟନ୍ତ ପ୍ରଧାନ, ସୁଶାନ୍ତ କୁମାର ପ୍ରଧାନ, ରାମ ନାଏକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## କବାଡ଼ି ଟୁର୍ନାମେଣ୍ଟ: ଡେରେଙ୍ଗଙ୍କୁ ଟ୍ରଫି


ଅତିଥିଙ୍କ ସହ ଚାମ୍ପିୟନ ଟିମ୍।

ପବିତ୍ରନଗର, ୮।୧୨ (ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁ ବ୍ଲକ ଶିପୁର ଗ୍ରାମରେ କାର୍ତ୍ତିକେଶ୍ୱର ପୂଜା କମିଟି ପକ୍ଷରୁ ଏକ କବାଡ଼ି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖମାର, ଶିପୁର, ଡେରେଙ୍ଗ ଓ କୁସୁମପାଳ ଟିମ୍ ଭାଗନେଇଥିଲେ। ଫାଇନାଲ ମ୍ୟାଚ ଶିପୁର ଓ ଡେରେଙ୍ଗ ମଧ୍ୟରେ ଖେଳାଯାଇଥିଲା। ଶିପୁର ୧୮ ପଏଣ୍ଟ ପାଇଥିବାବେଳେ ଡେରେଙ୍ଗ ୫୭ ପଏଣ୍ଟ ହାସଲ କରି ବିଜୟୀ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭାଜପା ନେତା ଅଶୋକ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ପବିତ୍ରନଗର ହାଇସ୍କୁଲ ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ବେହେରା, ପବିତ୍ରନଗର ମଣ୍ଡଳ ଭାଜପା ସଭାପତି ପ୍ରହ୍ଲାଦ ସାମଲ ଯୋଗ ଦେଇଥିଲେ। ପ୍ରଣବ କିଶୋର ଗଡନାୟକ, ପରମାନନ୍ଦ ବେହେରା, ଦୁଷ୍ମନ୍ତ ମିଶ୍ର, ହେମନ୍ତ ସାହୁ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଲମ୍ବୋଦର ବେହେରା ଅତିଥି ପରିଚୟ କରିଥିଲେ। ସୁବାସ ବେହେରା ଧାରା ବିବରଣୀ ଦେଇଥିଲେ।

# ଏମ୍‌ଏନ୍‌ସିସି କପ୍: କିଶୋରନଗର ଚାମ୍ପିୟନ



ବିଧାୟକ ଓ ଅନ୍ୟ ଅତିଥିଙ୍କ ସହ ଚାମ୍ପିୟନ ଦଳ।

ବଇଣ୍ଡା, ୮।୧୨(ଡି.ଏନ.ଏ.)

କିଶୋରନଗର ବରପଡିଆ ଖେଳପଡିଆରେ ଚାଲିଥିବା ଏମ୍‌ଏନ୍‌ସିସି କପ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ରେଢାଖୋଲ ଓ କିଶୋରନଗର ଏମ୍‌ଏନ୍‌ସିସି କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ କିଶୋରନଗର ବ୍ୟାଟିଂ କରି ୭୨ ରନ୍ କରିଥିଲା। ଜବାବରେ ରେଢାଖୋଲ ୬୮ ରନ୍ କରି ପରାଜିତ ହୋଇଥିଲା। ବିଜୟୀ ଦଳର ଜୁନା ମୁଖୀ ମ୍ୟାନ ଅଫ୍ ଦି ମ୍ୟାଚ ଏବଂ ଜିନୁ ପ୍ରଧାନ ମ୍ୟାନ ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ସାଏ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ସଦସ୍ୟ ତିମିରି ନାୟକ, କୁମୁଦ ଚନ୍ଦ୍ର ପ୍ରଧାନ, ସ୍ୱାଧୀନ ବେହେରା, ସରୋଜ ବିଶ୍ୱାଳ, ସତ୍ୟାନନ୍ଦ ପ୍ରଧାନ, ସୁଜିତ ବେହେରା, ମଣ୍ଟୁ ସାହୁ, କୃଷ୍ଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ନାବାଳିକାଙ୍କୁ ଦୁର୍ବ୍ୟବହାର: ଅଭିଯୁକ୍ତ ଯୁବକ ଗିରଫ

ସୋର,୮।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ସୋର ଥାନା ଅନ୍ତର୍ଗତ କେଶପୁର ଅଞ୍ଚଳର ଜଣେ ନାବାଳିକାଙ୍କୁ ଟଣାଓଟରା କରି ଦୁର୍ବ୍ୟବହାର କରିବା ଅଭିଯୋଗରେ ସୋର ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ମାମଲା (ନଂ. ୬୨୨/୧୯) ରୁଜୁ କରାଯାଇଛି। ୬ଷ୍ଠ ଶ୍ରେଣୀରେ ପଢୁଥିବା ଏହି ନାବାଳିକା ତାଙ୍କ ସାଙ୍ଗ ପାଖକୁ ଯିବା ସମୟରେ ଅଭିଯୁକ୍ତ ଯୁବକ ବାବୁଲା ମହାନ୍ତି ତାକୁ ଗାଳିଗୁଲଜ କରି ଟଣାଓଟରା କରିଥିଲେ। ନାବାଳିକାଙ୍କ ପରିବାର ତରଫରୁ ଏ ନେଇ ଶନିବାର ସନ୍ଧ୍ୟାରେ ସୋର ଥାନାରେ ଅଭିଯୋଗ କରାଯାଇଥିଲା। ଏହି ଘଟଣାକୁ ନେଇ ଉଭୟ ପରିବାର ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ସୋର ପୋଲିସ ଏହାର ତଦନ୍ତ କରି ଅଭିଯୁକ୍ତ ଯୁବକ ବାବୁଲାଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଥିବା କହିଛି।

# ଜଳସେଚନ ପ୍ରକଳ୍ପ, କେନାଲ ପୁନରୁଦ୍ଧାର ଦାବି

ଛେଣ୍ଡିପଦା, ୮।୧୨(ସ୍ୱ.ପ୍ର.)



ଦୀର୍ଘଦିନ ହେଲା ଅବହେଳିତ ଅବସ୍ଥାରେ ପଡିରହିଛି ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଆଉଁଳି ମଧ୍ୟମ ଜଳସେଚନ ପ୍ରକଳ୍ପ। ଏଥିରୁ ଜଳସେଚନ ପାଇଁ ନିର୍ମାଣ ହୋଇଥିବା କେନାଲ ମଧ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ପୋତି ହୋଇପଡିଛି। ଫଳରେ ଏହା ଉପରେ ନିର୍ଭର କରୁଥିବା ନୂଆଗାଁ, କଣଲୋଇ ପଞ୍ଚାୟତର ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ତୁରନ୍ତ ଏହାର ପୁନରୁଦ୍ଧାର କରାଯିବାକୁ ଦାବି କରିଛନ୍ତି ଉଭୟ ପଞ୍ଚାୟତବାସୀ। ଏ ସଂକ୍ରାନ୍ତରେ ଜଳସେଚନ ବିଭାଗୀୟ ଅଧିକାରୀ ଓ ଅନୁଗୋଳ ଜିଲାପାଳଙ୍କୁ ପତ୍ର ମାଧ୍ୟମରେ ଅଞ୍ଚଳବାସୀ ଜଣାଇଛନ୍ତି।

ସେମାନଙ୍କ ଅଭିଯୋଗ ମୁତାବକ, ୧୯୬୪ରେ ଆଉଁଳି ମଧ୍ୟମ ଜଳସେଚନ ପ୍ରକଳ୍ପ ଆରମ୍ଭ ହୋଇଥିଲା। ପ୍ରକଳ୍ପରୁ ଜଳସେଚନ ନିମନ୍ତେ ପ୍ରାୟ ୩୦ କିମିରୁ ଊର୍ଦ୍ଧ୍ୱ କେନାଲ ନିର୍ମାଣ କରାଯାଇଥିଲା। ହେଲେ ରକ୍ଷଣାବେକ୍ଷଣ ଅଭାବରୁ କେନାଲଟି ବାଲି, କାଦୁଅ, ପଙ୍କରେ ପୋତି ହୋଇ ଯାଇଥିବା ବେଳେ ସେଥିରେ ଲାଗିଥିବା ଗେଟ୍‌ଗୁଡିକ ମଧ ଭାଙ୍ଗି ଗଲାଣି। ଫଳରେ ଏହି କେନାଲ ଉପରେ ନିର୍ଭର କରୁଥିବା ନୂଆଗାଁ, କର୍ଣ୍ଣପାଳ, ଜରିପାଳ, ଡଙ୍ଗାପାଳ, ଭଟ୍ଟପାଳ, ତେଲିସାହି, ମାରୁଢିପ, କଣଲୋଇ, ଲୁଣମାଟି, ଭାଲିଆସର ଆଦି ଗ୍ରାମର ଚାଷୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରକଳ୍ପର ରକ୍ଷଣାବେକ୍ଷଣ ନିମନ୍ତେ କର୍ଣ୍ଣପାଳ ଓ ନୂଆଗାଁଠାରେ ଦୁଇଟି କାର୍ଯ୍ୟାଳୟ ରହିଛି । ଆରମ୍ଭରୁ ୧୪ ଜଣ କର୍ମଚାରୀ ନିଯୁକ୍ତ ହୋଇଥିବାବେଳେ ଏବେ କେବଳ ଜଣେ ମାତ୍ର ରାତ୍ର ଜଗୁଆଳି କାର୍ଯ୍ୟାଳୟ ଜଗୁଛନ୍ତି। ଫଳରେ କର୍ମଚାରୀ ଅଭାବରୁ ଦୀର୍ଘ ଦିନ ହେବ କେନାଲର ଗେଟ୍‌ଗୁଡିକ ଭାଙ୍ଗି ଯାଇଥିଲେ ଏହାର ମରାମତି କରାଯାଉ ନାହିଁ। ତୁରନ୍ତ ଏହାର ସ୍ଥାୟୀ ସମାଧାନ ନିମନ୍ତେ ନୂଆଗାଁ ଓ କଣଲୋଇ ପଞ୍ଚାୟତବାସୀ ଦାବି କରିଛନ୍ତି। ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ଏ ସମ୍ପର୍କରେ ଜଳସେଚନ ପ୍ରକଳ୍ପ ଯନ୍ତ୍ରୀ ଦିଲୀପ କୁମାର ରଥ କୁହନ୍ତି, ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ବିଭାଗ ପକ୍ଷରୁ କର୍ମଚାରୀ ନିଯୁକ୍ତି ନିମନ୍ତେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଛି । ଆସନ୍ତା ଜାନୁୟାରୀ, ଫେବୃୟାରୀ ମଧ୍ୟରେ ନଦୀ ଓ କେନାଲଗୁଡିକ ମରାମତି କରାଯାଇ ଚାଷୀଙ୍କ ଜମିକୁ ଜଳ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

■ବିଶ୍ୱ ମୃତ୍ତିକା ଦିବସ ପାଳିତ

# ‘ମାଟି ସୁରକ୍ଷା ଦିଗରେ ସଚେତନ ହେଉ ମଣିଷ’



କୋଶଳା କଲ୍ୟାଣ ମଣ୍ଡପଠାରେ ବିଶ୍ୱ ମୃତ୍ତିକା ଦିବସ ଅବସରରେ ମଞ୍ଚାସୀନ ଅତିଥିମାନେ।

ଛେଣ୍ଡିପଦା, ୮।୧୨(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କୋଶଳା କଲ୍ୟାଣ ମଣ୍ଡପଠାରେ କୋଶଳା ପଞ୍ଚାୟତ ଜୈବ ବିବିଧତା ପରିଚାଳନା ସମିତି ଓ ଛେଣ୍ଡିପଦା ବନାଞ୍ଚଳ ଏବଂ ପ୍ରକୃତି ପରିବେଶ ଓ ବନ୍ୟଜୀବ ସମିତି ପକ୍ଷରୁ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ଏ ନେଇ ଆୟୋଜିତ ଏହି ବୈଠକରେ କୋଶଳା ଜୈବ ବିବିଧତା ପରିଚାଳନା ସମିତି ଅଧ୍ୟକ୍ଷ ତଥା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରଦୀପ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅନୁଗୋଳ ସହକାରୀ ବନ ସଂରକ୍ଷକ ବାସୁଦେବ ନାୟକ, ଓଡ଼ିଶା ଜୈବ ବିବିଧତା ବୋର୍ଡର ସଦସ୍ୟ ପ୍ରସନ୍ନ କୁମାର ବେହେରା, ଜିଲା ପରିଷଦ ସଭ୍ୟ ଭାସ୍କର ସାହୁ, ଛେଣ୍ଡିପଦା ବନାଞ୍ଚଳ ଅଧିକାରୀ ମନମୋହନ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ କହିଲେ, ମାଟିର ସୁରକ୍ଷା ଦିଗରେ ମଣିଷ ସମାଜ ସଚେତନ ହେବା ଜରୁରୀ। ଏହାଦ୍ୱାରା ପରିବେଶରେ ସନ୍ତୁଳନ ରହିବା ସହ ସମଗ୍ର ଜୀବଜଗତ ସୁରକ୍ଷିତ ରହିପାରିବ। ବ୍ୟାପକ ବୃକ୍ଷରୋପଣ, ଜୈବିକ କୃଷି, ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବା ଦ୍ୱାରା ମୃତ୍ତିକା କ୍ଷୟ ରୋକାଯାଇପାରିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଜୈବ ବିବିଧତା ପରିଚାଳନା ସମିତିର କର୍ମକର୍ତ୍ତା, ସ୍ଥାନୀୟ ଅଞ୍ଚଳର କୃଷିଜୀବୀ, ଚାଷୀ ଏବଂ ବିଭିନ୍ନ ଅନୁଷ୍ଠାନରୁ ଯୋଗ ଦେଇଥିବା ସଭ୍ୟାସଭ୍ୟମାନେ ମୃତ୍ତିକା କ୍ଷୟ, ମାଟିର ଗୁଣବତ୍ତା ନଷ୍ଟ ଏବଂ ଏହାର ନିରାକରଣ ଉପରେ ଆଲୋଚନା କରିଥିଲେ। ସେହିପରି ଛେଣ୍ଡିପଦା ସହକାରୀ କୃଷି କାର୍ଯ୍ୟାଳୟ ପରିସରରେ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ବ୍ଲକ ସହକାରୀ କୃଷି ଅଧିକାରୀ ବିନୋଦ କୁମାର ଦଳେଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ସମ୍ମାନିତ ଅତିଥି ବିଧାୟକଙ୍କ ଜିଲା ପ୍ରତିନିଧି ପ୍ରଦୀପ କୁମାର ସାହୁ, ମୃତ୍ତିକା ସଂରକ୍ଷଣ ଅଧିକାରୀ ଅମିତ କୁମାର ବେହେରା, ଆତ୍ମା କୃଷି ସୂଚନା ପରାମର୍ଶ ଅଧିକାରୀ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ମତ୍ସ୍ୟ ଅଧିକାରୀ ପ୍ରହ୍ଲାଦ ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

■ଜାତୀୟ ପୂର୍ବାଞ୍ଚଳ ନେଟବଲ ଚାମ୍ପିୟନଶିପ୍ ଉଦ୍‌ଯାପିତ

# ମହିଳାରେ ବିହାର, ପୁରୁଷରେ ଓଡ଼ିଶା ଚାମ୍ପିୟନ

ବଅଁରପାଳ, ୮।୧୨(ଡି.ଏନ.ଏ.)



ନେଟବଲ ଚାମ୍ପିୟନଶିପ୍ ପ୍ରତିଯୋଗିତାର ଉଦ୍‌ଯାପନୀ ଅବସରରେ ଅତିଥି ଓ କର୍ମକର୍ତ୍ତାମାନେ।

ବଅଁରପାଳ ପିଏସ୍‌ଏସ୍‌ଜେ କଲେଜ ଖେଳ ପଡ଼ିଆରେ ଶନିବାରଠାରୁ ଚାଲିଥିବା ୧୫ତମ ଜାତୀୟ ପୂର୍ବାଞ୍ଚଳ ନେଟବଲ ଚାମ୍ପିୟନଶିପ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଅନୁଗୋଳ ନେଟ ବଲ୍ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର ଟିମ୍ ଭାଗ ନେଇଥିଲେ। ଟୁର୍ନାମେଣ୍ଟର ମହିଳା ବିଭାଗରେ ବିହାର ଚାମ୍ପିୟନ ଏବଂ ଓଡ଼ିଶା ରନର୍ସ ଅପ୍ ହୋଇଥିଲା। ଝାଡ଼ଖଣ୍ଡ ଦଳ ତୃତୀୟ ସ୍ଥାନରେ ରହିଥିଲା। ସେହିପରି ପୁରୁଷ ବିଭାଗରେ ଓଡ଼ିଶା ଚାମ୍ପିୟନ ହୋଇଥିବାବେଳେ ବିହାର ରନର୍ସ ଅପ୍ ଏବଂ ପଶ୍ଚିମବଙ୍ଗ ତୃତୀୟ ସ୍ଥାନ ଅଧିକାର କରିଥିଲା। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ ଯୋଗଦେଇ ରାଜ୍ୟରେ ନେଟବଲ ଖେଳର ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଗ୍ରାମାଞ୍ଚଳରେ ଏହି ଖେଳ ପ୍ରତି ରୁଚି ରଖୁଥିବା ପ୍ରତିଭାଙ୍କ ପାଇଁ କାର୍ଯ୍ୟ କରିବାକୁ ରାଜ୍ୟ ନେଟବଲ ସଙ୍ଘର କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ବଅଁରପାଳ ବ୍ଲକ ବିଜେଡି ସଭାପତି ବିଜୟ କୁମାର ନାଥ, ପିଏସଏସଜେ ଡିଗ୍ରୀ କଲେଜର ଅଧ୍ୟକ୍ଷ ଗୋକୁଳାନନ୍ଦ ପ୍ରଧାନ, ଢେଙ୍କାନାଳ ଜିଲା ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସଂଘର ସଭାପତି ଦିଲୀପ କୁମାର ରାଉତ, ଶିଶୁମନ୍ଦିର ସମ୍ପାଦକ ଅଖିଳ କୁମାର ମହାପାତ୍ର, ପୂର୍ବାଞ୍ଚଳ ନେଟବଲ ଆବାହକ ରାଜେନ୍ଦ୍ର ପ୍ରସାଦ, ବିହାର ନେଟବଲ ସମ୍ପାଦକ ସନ୍ତୋଷ କୁମାର, ପୂର୍ବାଞ୍ଚଳ ନେଟବଲ ଆବାହକ ଟେକ୍ନିକାଲ ଭୁପିନ୍ଦର ସିଂହ, ଓଡ଼ିଶା ନେଟବଲ ସମ୍ପାଦକ ତଥା ପୂର୍ବାଞ୍ଚଳ ନେଟବଲ ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ପଣ୍ଡା, ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉଭୟ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅନୁଗୋଳ ନେଟବଲ ସଂଘ ସମ୍ପାଦକ ସୁରେନ୍ଦ୍ର କୁମାର ପରିଡ଼ା ଅତିଥି ପରିଚୟ, କଲେଜ ଅଧ୍ୟକ୍ଷ ଗୋକୁଳାନନ୍ଦ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଅମ୍ପାୟର ପ୍ରକାଶ ଦାସ, ଗୁଞ୍ଜନ ଝା, ସ୍କୋରର ଜିତେନ୍ଦ୍ର ମହାନ୍ତି ଖେଳ ପରିଚାଳନା କରିଥିଲେ। ସଭାପତି ସଞ୍ଜୟ କୁମାର ବିଶୋଇ, ସମ୍ପାଦକ ସୁରେନ୍ଦ୍ର କୁମାର ପରିଡା, କାର୍ଯ୍ୟକାରୀ ସଭାପତି ରଶ୍ମିରଞ୍ଜନ ବରାହ, ଉପସଭାପତି ଗୌରୀନାଥ ପରିଡା, କୋଷାଧ୍ୟକ୍ଷ ଦୀପକ ସାମଲ, ସହ ସମ୍ପାଦକ ପ୍ରଭାତ ସେଠୀ, ପୀତବାସ ବେହେରା ପ୍ରମୁଖ ସହଯୋଗ କରିଥିଲେ।

**ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ମାଧପୁର-୯୯୩୭୬୪୪୫୫୨, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ଅସହାୟଙ୍କୁ କମ୍ବଳ ବଣ୍ଟନ



ଚମ୍ପୁଆ, ୮।୧୨(ଡି.ଏନ.ଏ.)- ଚମ୍ପୁଆ ଅଞ୍ଚଳରେ ଦିନକୁ ଦିନ ଶୀତର ପ୍ରକୋପ ବୃଦ୍ଧି ପାଉଥିବା ବେଳେ ନିଜ ପଞ୍ଚାୟତର ବୃଦ୍ଧାବୃଦ୍ଧଙ୍କୁ ସରପଞ୍ଚଙ୍କ ଦ୍ୱାରା କମ୍ବଳ ବଣ୍ଟନ କରାଯାଇଛି। ଚମ୍ପୁଆ ବ୍ଲକ ଜାମୁଦଲକ ପଞ୍ଚାୟତର ସାତହଳିଆ ଓ ଶ୍ରୀଧରପୁରଠାରେ ଏହି କମ୍ବଳ ବଣ୍ଟାଯାଇଥିଲା। ଖବର ଅନୁସାରେ ସରପଞ୍ଚ ରମେଶ ମୁଣ୍ଡା ଅସହାୟ ବ୍ୟକ୍ତିଙ୍କୁ ୭ ଏବଂ ୮ ତାରିଖ ଦୁଇଦିନ ଧରି ଏହି କମ୍ବଳ ବାଣ୍ଟିଥିଲେ।

### ସୋନ ନଦୀରୁ ବେଆଇନ ବାଲି ଉଠାଣ

କୁଆମରା,୮।୧୨(ଡି.ଏନ୍.ଏ.)- ଗୋପବନ୍ଧୁ ନଗର ବ୍ଲକ ଦେଇ ପ୍ରବାହିତ ସୋନ ନଦୀରୁ ବେଆଇନ ବାଲି ଉଠାଣ ଚାଲିଥିବା ଅଭିଯୋଗ ହୋଇଛି। ପ୍ରତ୍ୟହ ଦଶ ଚକିଆ ଟ୍ରକ ଓ ଟ୍ରାକ୍ଟର ବାଲି ପରିବହନ କରୁଛନ୍ତି। ଜୟପୁର, ଦିଘି ନୂଆସାହି, ନୂଆ ଗାଁ, ସାଇଁକୁଳା, କଣ୍ଟିସାହି ପ୍ରଭୃତି ଘାଟରୁ ବେଆଇନ ଭାବେ ବାଲି ଉଠାଣ ହେଉଥିବା ବେଳେ ସରକାରୀ ନୀତି ନିୟମକୁ ଉଲ୍ଲଙ୍ଘନ କରାଯାଉଛି। ବାଲି ବେପାରୀମାନେ ନଦୀରୁ ବାଲି ଉତ୍ତୋଳନ କରି କୁଆମରା ଓ ସାଇଁକୁଳା ରାସ୍ତା ଦେଇ ବାଲେଶ୍ୱର ଜିଲା ଓ ବାହାର ରାଜ୍ୟକୁ ବାଲି ଚାଲାଣ କରୁଛନ୍ତି। ବାଲି ବେପାରୀମାନେ ବେଶ ଅର୍ଥ ରୋଜଗାର କରୁଥିବା ବେଳେ ଗ୍ରାମାଞ୍ଚଳ ରାସ୍ତା ଘାଟର ଅବସ୍ଥା ଶୋଚନୀୟ ହୋଇ ପଡୁଛି। ଭାରୀଯାନ ଚଳାଚଳ ଯୋଗୁଁ ଲୋକେ ରାସ୍ତାଘାଟରେ ଯିବାକୁ ନିରାପଦ ମଣୁ ନାହାଁନ୍ତି। ୨ଦିନ ତଳେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଏକ ବର୍ଷ ମଧ୍ୟରେ ୩୦ରୁ ଅଧିକ ଦୁର୍ଘଟଣା ଘଟି ସାରିଲାଣି। ନିଲାମ ହୋଇଥିବା ଘାଟମାନଙ୍କରୁ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରାଯିବା କଥା ତା ଠାରୁ ଯଥେଷ୍ଟ ଅଧିକ ବାଲି ଉଠାଣ କରିବା ଫଳରେ ନଦୀ କୂଳ ଗ୍ରାମ ଗୁଡିକ ପ୍ରତି ବିପଦ ସୃଷ୍ଟି କରୁଛି। ଅନେକ ସ୍ଥାନରେ ମେଶିନ ସାହାଯ୍ୟରେ ବାଲି ଉତ୍ତୋଳନ କରାଯାଉଥିବାରୁ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହେଉଛି। ବର୍ଷା ଦିନେ ଏହା ବିପଦ ସୃଷ୍ଟି କରୁଛି। ବାଲି ବୋଝେଇ ଭାରିଯାନଗୁଡିକ ଫାଣ୍ଡି ଓ ଥାନା ସମ୍ମୁଖ ଦେଇ ଯାତାୟତ କରୁଥିଲେ ମଧ ଏଥିପ୍ରତି ପୋଲିସ ବିଭାଗ ନିରବ ଦ୍ରଷ୍ଟା ସାଜିଛି। ରାଜସ୍ୱ ବିଭାଗ ମଧ ନୀରବଦ୍ରଷ୍ଟା ସାଜିଛି। ତେବେ ନିକଟରେ ଜୟପୁର ପଞ୍ଚାୟତର ନୂଆଗାଁଠାରେ ମହିଳାମାନେ ଏକାଠି ହୋଇ ବାଲି ବୋଝେଇ ଟ୍ରକଗୁଡିକୁ ଅଟକାଇ ଥିଲେ ମଧ ପ୍ରଶାସନିକ ଅଧିକାରୀ ଠିକ ସମୟରେ ନ ପହଞ୍ଚିବାରୁ ସେମାନେ ଗାଡ଼ିଗୁଡ଼ିକୁ ଛାଡି ଦେଇଥିଲେ। ଏ ନେଇ ଅଞ୍ଚଳବାସୀଙ୍କ ଅସନ୍ତୋଷ ବଢିବାରେ ଲାଗିଛି। ଯଥା ଶୀଘ୍ର ଏ ଦିଗରେ ରାଜସ୍ୱ ବିଭାଗ ପଦକ୍ଷେପ ନ ନେଲେ ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

### ବଳାତ୍କାର ପୀଡ଼ିତା ଅଧାପିକାଙ୍କ ଆତ୍ମହତ୍ୟା ଘଟଣା
### ଆଉ ଜଣେ ଅଭିଯୁକ୍ତ କୋର୍ଟ ଚାଲାଣ

ରାଇରଙ୍ଗପୁର,୮।୧୨(ଡି.ଏନ୍.ଏ.): ଗତ ସପ୍ତାହ ତଳେ ରାଇରଙ୍ଗପୁର ଅଞ୍ଚଳର ଏକ କଲେଜର ଜଣେ ବଳାତ୍କାର ପୀଡ଼ିତା ଅଧାପିକାଙ୍କ ଆତ୍ମହତ୍ୟା ମାମଲାରେ ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଟାଉନଥାନା ପୋଲିସ ଗିରଫ ପରେ ରବିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅନ୍ତର୍ଗତ ଶିବନାରାୟଣପୁର ଗ୍ରାମର ରାଜେଶ ସାହୁ। ଅଧାପିକାଙ୍କ ଆତ୍ମହତ୍ୟା ଘଟଣାରେ ଟାଉନ ଥାନା ପୋଲିସ ଏକ ମାମଲା (ନଂ.୧୫୪/୧୯) ରୁଜୁ କରି ତଦନ୍ତ ଜାରି ରଖିଥିଲା। ପୂର୍ବରୁ ୨ ଜଣ ଅଭିଯୁକ୍ତ ଝାରପୋଖରିଆ ଥାନା ଅଧୀନ ପାନ୍ଦଡ଼ା ଗ୍ରାମର ଦେବବ୍ରତ ମଣ୍ଡଳ ଓ ସୁଜିତ କୁମାର ମଣ୍ଡଳଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଝାରପୋଖରିଆ ଥାନା ପୋଲିସ ପକ୍ଷରୁ ମାମଲା(ନଂ.୧୨୫/୧୯)ରେ ବଳାତ୍କାର ଅଭିଯୁକ୍ତ ସୌମ୍ୟରଞ୍ଜନ ସାହୁଙ୍କୁ ଯାଜପୁର ଜିଲା ଅଞ୍ଚଳରୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଉକ୍ତ ମାମଲାରେ ପୋଲିସ ମୋଟ ୪ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ କହିଛନ୍ତି।

# ପୂରଣ ହେଉନି ଅଧାପକ ପଦବୀ

**ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ**

ବାରିପଦା ଅଫିସ,୮।୧୨

ମୟୂରଭଞ୍ଜ ଜିଲାରେ ସ୍ଥାପିତ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ଗତ ବର୍ଷ ରାଜ୍ୟ ସରକାର କେତେକ ସେଲଫ୍ ଫାଇନାନ୍ସି ବିଭାଗକୁ ନିୟମିତ ବିଭାଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଅଧାପକ, ପ୍ରଧାପକ ଓ ପ୍ରଫେସରମାନଙ୍କୁ ତୁରନ୍ତ ନିଯୁକ୍ତି ଦେବା ନିମନ୍ତେ ଉତ୍ତର ଏହି ବିଶ୍ୱବିଦ୍ୟାଳୟକୁ ନିର୍ଦ୍ଦେଶ ଦେଉ ନାହାନ୍ତି। ଯାହା ଫଳରେ ସେହି ସେଲଫ୍ ଫାଇନାନ୍ସି ବିଭାଗ ଗୁଡିକ ନିୟମିତ ବିଭାଗ ହୋଇପାରୁନାହିଁ। ସେଲଫ୍ ଫାଇନାନ୍ସି ମୋଡରେ ବିଭିନ୍ନ ମହାବିଦ୍ୟାଳୟ କେତେକ ବିଭାଗରେ ନୂଆ ସମ୍ମାନ ଶ୍ରେଣୀ ଖୋଲିବାକୁ ଆବେଦନ କରିଛନ୍ତି। ଅନ୍ୟପକ୍ଷେ ମହାବିଦ୍ୟାଳୟମାନଙ୍କରେ ଯେଉଁ ଅନର୍ସ ଶ୍ରେଣୀ ଅଛି ସେଥିରେ ଛାତ୍ରୀଛାତ୍ର ନାମ ଲେଖାଉ ନ ଥିବାରୁ ଚାହିଦା ଥିବା ନୂତନ ଅନର୍ସ ଖୋଲିବା ପାଇଁ ମହାବିଦ୍ୟାଳୟଗୁଡିକ ଆବେଦନ କରିଛନ୍ତି।

ସେହିପରି ଏହି ବିଶ୍ୱବିଦ୍ୟାଳୟ ଅଧୀନରେ କେତେକ ପୁରୁଣା ମହାବିଦ୍ୟାଳୟ ସେଲଫ୍ ଫାଇନାନ୍ସି ଜରିଆରେ ନୂତନ ପି.ଜି. ଶ୍ରେଣୀ ଖୋଲିବାକୁ ଆବେଦନ କରିଛନ୍ତି। ଯାହା ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ବିଚାର କରି ଅନୁମତି ଦେବାକୁ ଦାବି ହେଉଛି। ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲାରେ ଥିବା ମହାବିଦ୍ୟାଳୟମାନଙ୍କରେ ନୂତନ ଅନର୍ସ ଶ୍ରେଣୀ ସହିତ ପି.ଜି. ଶ୍ରେଣୀ ଖୋଲିଲେ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ସଂଖ୍ୟା ବଢିବ। ଆଦିବାସୀ ଅଧୁଷିତ ଏହି ଜିଲାର ଛାତ୍ରୀଛାତ୍ରମାନେ ଜିଲା ମଧ୍ୟରେ ଥିବା ଶିକ୍ଷାନୁଷ୍ଠାନରେ ପାଠ ପଢିବାର ସୁଯୋଗ ପାଇବେ। ସେହିପରି ମୟୂରଭଞ୍ଜ ଓ କେନ୍ଦୁଝର ଜିଲାର ଯେଉଁ ମହାବିଦ୍ୟାଳୟଗୁଡିକ ନୂତନ ସମ୍ମାନ ଏବଂ ପି.ଜି. ଶ୍ରେଣୀ ଖୋଲିବାକୁ ଆବେଦନ କରିଛନ୍ତି, ସେହି ଶିକ୍ଷାନୁଷ୍ଠାନଗୁଡିକୁ ଅନୁମତି ପ୍ରଦାନ କରାଯିବାକୁ ଦାବି ହେଉଛି। ଏହା ବତୀତ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧୀନରେ ଯେଉଁ ନୂତନ ବିଭାଗ ଖୋଲିବାକୁ ରାଜ୍ୟ ସରକାର ଘୋଷଣା କରିଛନ୍ତି ସେହି ବିଭାଗରେ ତୁରନ୍ତ ଅଧାପକ ନିଯୁକ୍ତି କରିବାକୁ ସଚେତନ ନାଗରିକ ମଞ୍ଚ ସଭାପତି ତଥା ବାରିପଦାର ପୂର୍ବତନ ବିଧାୟକ କିଶୋର ଦାଶ ଦାବି କରିଛନ୍ତି। ରାଜ୍ୟ ଉଚ୍ଚ ଶିକ୍ଷା ମନ୍ତ୍ରୀ, ଉଚ୍ଚ ଶିକ୍ଷା ବିଭାଗ ଶାସନ ସଚିବ, ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ କୁଳପତି ଏଥିପ୍ରତି ଦୃଷ୍ଟି ଦେବାକୁ ପୂର୍ବତନ ବିଧାୟକ ଦାଶ ଓ ଅନ୍ୟାନ୍ୟ ପୂର୍ବତନ ସିନେଟ ଏବଂ ସିଣ୍ଡିକେଟ ସଦସ୍ୟମାନେ ଦାବି କରିଛନ୍ତି।

# ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଉପଲକ୍ଷେ ଆୟୋଜିତ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

ଖୁଣ୍ଟା,୮।୧୨(ଡି.ଏନ୍.ଏ.)

ଖୁଣ୍ଟା ଖେରୱାଳ ଜାରପା ସମିତି କାର୍ଯ୍ୟାଳୟଠାରେ ଓଡ଼ିଶା ସାନ୍ତାଳ ଡାକ୍ତର ସଂଘର ବାରିପଦା ଶାଖା ପକ୍ଷରୁ ଶନିବାର ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଗୋପବନ୍ଧୁନଗର ବ୍ଲକ ବିଡିଓ ରବୀନ୍ଦ୍ର କୁମାର ମଲିକ ଉଦ୍‌ଘାଟନ କରିଥିଲେ। ଏଥିରେ ଡା.ସାଲୁରାମ ହାଁସଦା, ଡା. ଲକ୍ଷଣ ହାଁସଦା, ମୋହନ ଚରଣ ମୁର୍ମୁ, ସୁଜାତ ରାଉତ, ଡା.ଦୁର୍ଗୀ ସରେନ, ଡା.ରବୀନ୍ଦ୍ର କିସ୍କୁ, ଡା.ସୁନିତା ସରେନ, ଡା.ସିଦ୍ଧେଶ୍ୱର ମାଣ୍ଡି, ଡା. ଦାସମାତ ମାଣ୍ଡି ଓ ଡା.କୁଶାଲ ହାଁସଦା ପ୍ରମୁଖ ଯୋଗଦେଇ ରୋଗୀମାନଙ୍କର ରକ୍ତଚାପ ଓ ବହୁମୂତ୍ର ଇତ୍ୟାଦି ରୋଗର ପରୀକ୍ଷଣ ଓ ନିରାକରଣ ସମ୍ପର୍କିତ ପରାମର୍ଶ ଦେଇଥିଲେ। ଏହି ଶିବିରରେ ୨୧୦ ଜଣ ରୋଗୀଙ୍କ ନାମ ପଞ୍ଜୀକରଣ କରାଯାଇଥିଲା। ପୂର୍ବତନ ସରପଞ୍ଚ ନିମାଇ ମୁର୍ମୁ, ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର କିଶୋର ଚନ୍ଦ୍ର ମୁର୍ମୁ, ଯୋଗେଶ୍ୱର ମାଝୀ, ଫିଲିପି ମୁର୍ମୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବାଙ୍ଗିରିପୋଷି ପ୍ରିମିୟର ଲିଗ୍ କ୍ରିକେଟ ଲାଗି ଖେଳାଳି ନିଲାମ



ନିଲାମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଖେଳାଳି।

ବାଙ୍ଗିରିପୋଷି,୮।୧୨(ଡି.ଏନ୍.ଏ.)

ବାଙ୍ଗିରିପୋଷି ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ୨ୟ ସଂସ୍କରଣ ଆସନ୍ତା ୨୦ ତାରିଖରୁ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଆରମ୍ଭ ହେବ। ଏନେଇ ବ୍ଲକ ସଭାଗୃହରେ ଖେଳାଳି ନିଲାମ ପ୍ରକ୍ରିୟା ଶେଷ ହୋଇଛି। ନିଲାମରେ ୧୩୦ ଖେଳାଳି ସାମିଲ ହୋଇଥିବା ବେଳେ ୬ ଟି ଫ୍ରାଞ୍ଚାଇଜ ୯୦ ଜଣଙ୍କୁ କିଣିଛି। ଫ୍ରାଞ୍ଚାଇଜ ମାଲିକ ରାଜେଶ କୁମାର ସାହୁଙ୍କ ଶୁଭମ ଫାଇଟର,ଏସ.କେ ସାକିଲଙ୍କ ଟାଇଗର ୱାରିଅର୍ସ, ଦେବାଶିଷ ଘୋଷଙ୍କ ବାଙ୍ଗିରିପୋଷି ବ୍ଲାଷ୍ଟର, ଶମ୍ଭୁ ନାୟକଙ୍କ ମା’ ଦ୍ୱାରଶୁଣି ସୁପରକିଙ୍ଗ୍, ତପୁ ନାଏକଙ୍କ ଟି.କେ.ୱେଲ-୧୧ ଏବଂ ରଞ୍ଜିତ କୁମାର ଗିରିଙ୍କ ଶ୍ୟାମସୁନ୍ଦରପୁର ସୁପରଷ୍ଟାର ଏହି ନିଲାମ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ସଭାପତି ଦେବାଶିଷ ଘୋଷ ଏବଂ ସମ୍ପାଦକ ରଞ୍ଜିତ ସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଅପହୃତା ନାବାଳିକା ଉଦ୍ଧାର

ବଡ଼ସାହି,୮।୧୨(ସ୍ୱ.ପ୍ର.)

ବଡ଼ସାହି ଥାନା ଅଞ୍ଚଳରୁ ନଭେମ୍ବର ୨୪ତାରିଖରେ ଅପହୃତା ଜଣେ ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିବା ସହ ଅପହରଣକାରୀ ଯୁବକଙ୍କୁ କାବୁ କରିଛି। ଅଷ୍ଟମ ଶ୍ରେଣୀରେ ପଢୁଥିବା ଉକ୍ତ ନାବାଳିକାଙ୍କ ସନ୍ଧାନ ଲାଗି ତାଙ୍କ ପିତାମାତା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଚୁପ ବସିପଡ଼ିବାରୁ ନାବାଳିକାଙ୍କ ପରିବାର ଲୋକେ ଏସ୍‌ପିଙ୍କୁ ଭେଟି ନ୍ୟାୟ ପାଇଁ ନିବେଦନ କରିଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶରେ ପୋଲିସ ମୋବାଇଲ ଟ୍ରାକିଂ କରି ଅଭିଯୁକ୍ତ ତାମିଲନାଡୁର ଏକ ସହରରେ ଆତ୍ମଗୋପନ କରିଥିବା ଜାଣିବାକୁ ପାଇଥିଲେ। ପରେ ପୋଲିସ ଟିମ ସେଠାକୁ ଯାଇ ଅଭିଯୁକ୍ତଙ୍କୁ କାବୁ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଛି।

# ‘ସର୍ବୋଦୟ ନେତା ପ୍ରଶାନ୍ତ ଥିଲେ ଅନନ୍ୟ ବ୍ୟକ୍ତିତ୍ୱ’

■ ୨୬ତମ ଶ୍ରାଦ୍ଧ ବାର୍ଷିକୀ ସମାରୋହ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ବାରିପଦା ଅଫିସ,୮।୧୨

ବିଶିଷ୍ଟ ସର୍ବୋଦୟ ନେତା ତଥା ଆଚାର୍ଯ୍ୟ ବିନୋବା ଭାବେଙ୍କ ଭୂ-ଦାନ ଆନ୍ଦୋଳନର ଅନ୍ୟତମ କର୍ମକର୍ତ୍ତା ସ୍ୱର୍ଗତ ପ୍ରଶାନ୍ତ ମହାନ୍ତିଙ୍କ ୨୬ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ବାରିପଦାର ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟଠାରେ ଓଡ଼ିଆ ଜାଗରଣ ମଞ୍ଚ ପକ୍ଷରୁ ଏହି ଉତ୍ସବ ପାଳନ କରାଯାଇଥିଲା। ଓଡ଼ିଆ ଜାଗରଣ ମଞ୍ଚର ପ୍ରତିଷ୍ଠାତା ସମ୍ପାଦକ ଶରତଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ସାହିତ୍ୟିକ ଡ. ନୀଳକଣ୍ଠ ମିଶ୍ର ଯୋଗଦେଇ ସ୍ୱର୍ଗତ ମହାନ୍ତି ଜଣେ ସରଳ ନିଷ୍କପଟ ତଥା ଦକ୍ଷ ସର୍ବୋଦୟ ନେତା ଭାବେ ସମଗ୍ର ଓଡ଼ିଶାର ଗୌରବ ବୃଦ୍ଧି କରିଥିଲେ। ଓଡ଼ିଶାରେ ସନ୍ଥ ବିନୋବାଙ୍କ ସ୍ୱପ୍ନକୁ ସାକାର କରି ଅନନ୍ୟ ବ୍ୟକ୍ତିତ୍ୱ ଭାବେ ପରିଚୟ ସୃଷ୍ଟି କରି ପାରିଥିଲେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ନରେନ୍ଦ୍ର ମୋହନ ସେନାପତି ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ଚିନ୍ତା ଚେତନା ସବୁବେଳେ ଦୀନ ଦୁଃଖିଙ୍କ ପାଇଁ ବ୍ୟାକୁଳିତ ଥିଲା। ଭୂମିହୀନ ଲୋକଙ୍କୁ ଥଇଥାନ କରିବାକୁ ସେ ନିଜ ଜୀବନର ବ୍ରତ ଭାବରେ ଗ୍ରହଣ କରିଥିଲେ ବୋଲି କହିଥିଲେ। ସମ୍ମାନନୀୟ ଅତିଥି ଭାବରେ କବୟିତ୍ରୀ ସାଗରିକା ମହାନ୍ତି, ଡ. ସରୋଜ କୁମାର ନାୟକ, ଆର୍ଯ୍ୟଭଟ୍ଟ ମହାନ୍ତି, ଦୀପକ କୁମାର ନାୟକ, କବିତା ନନ୍ଦ, ଦୋଳଗୋବିନ୍ଦ ବାରିକ, ଜ୍ଞାନରଞ୍ଜନ ତ୍ରିପାଠୀ, ଉଗ୍ରେଶ୍ୱର ବେହେରା, ସୁବ୍ରତ କୁମାର ଦାସ, ବିଶ୍ୱଜିତ ଭୂୟାଁ, ସଲିଲ ଦେ, ଅଂଶୁମାନ ଦାସ, ଦିଲୀପ କୁମାର ପାତ୍ର, ରମାକାନ୍ତ ରାଉତ, ପରିତୋଷ ଦାଶ, ଜୟ ବୋଷ ପ୍ରମୁଖ ଯୋଗଦେଇ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କୃତୀ ଶିକ୍ଷକ ଡ. ଶଶିଧର ବିଶ୍ୱାଳ ସଭା ପରିଚାଳନା କରିଥିଲେ। ଏହି ଅବସରରେ ବୈଜ୍ଞାନିକ ଶ୍ୟାମ ସୁନ୍ଦର ରାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏମ.କେ.ସି. ହାଇସ୍କୁଲର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିବାବେଳେ ଆଗାମୀ ଦିନରେ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସ୍ମରଣିକା ପ୍ରକାଶିତ ହେବ ବୋଲି ଜଣାପଡ଼ିଛି।

# ମଧ୍ୟାହ୍ନଭୋଜନ ପାଚିକା ସହାୟିକା ସଂଘ ବୈଠକ

କୋଷ୍ଟା,୮।୧୨(ଡି.ଏନ୍.ଏ.)




ବୈଠକରେ ଯୋଗ ଦେଇଥିବା ପାଚିକା ଓ ସହାୟିକାବୃନ୍ଦ।

ଶୂଳିଆପଦା ବ୍ଲକ ମଧ୍ୟାହ୍ନଭୋଜନ ପାଚିକା ସହାୟିକା ସଂଘର ଏକ ବୈଠକ ସ୍ଥାନୀୟ ଶିରିଡି ସାଇ ଇଂଲିଶ ମିଡିୟମ ସ୍କୁଲର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୨୫୦ପାଚିକା ସହାୟିକା ଯୋଗ ଦେଇଥିଲେ। ଭାରତୀୟ ମଜଦୁର ସଂଘର ଉପ ସଭାପତି ତଥା ଶୂଳିଆପଦା ପାଚିକା ସହାୟିକା ସଂଘର ସଂଗଠକ ଅବସରପ୍ରାପ୍ତ ଶିକ୍ଷକ ବିଶ୍ୱମ୍ଭର ଦାସ ବୈଠକରେ ସଭାପତିତ୍ୱ କରିଥିଲେ। କୃଷି ଓ ନିର୍ମାଣ ଶ୍ରମିକ ସଂଘର ସଭାନେତ୍ରୀ ହେମଲତା ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିବାବେଳେ ଶୂଳିଆପଦା ବ୍ଲକ ସଂଗଠନର ସଭାନେତ୍ରୀ ବନାନୀ ମହାନାଏକ, ଉପ ସଭାନେତ୍ରୀ ଶକୁନ୍ତଳା ସୋରେନ, ସମ୍ପାଦିକା ଅନ୍ନଦା ଧଳ, ସହସମ୍ପାଦିକା ବାସନ୍ତୀ ରଣା ପ୍ରମୁଖ ଯୋଗଦାନ କରି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

ସର୍ବନିମ୍ନ ମାସିକ ୬ ହଜାର ଟଙ୍କା ପାରିଶ୍ରମିକ ପ୍ରଦାନ, ସରକାର ଡ୍ରେସ କୋଡ ଲାଗୁ କରିଥିବାରୁ ବାର୍ଷିକ ୨ ଯୋଡ଼ା ବସ୍ତ୍ର ଯୋଗାଇ ଦେବା, ପାଚିକା ଓ ସହାୟିକାଙ୍କ ପାଇଁ ଗୋଟିଏ ଲେଖାଁଏ ମିଲ୍ ଦେବା, ଖରାଛୁଟି ସମୟରେ ୨ ମାସର ଦରମା ପ୍ରଦାନ ଆଦି ପ୍ରମୁଖ ଦାବି ଗୁଡିକ ଉପରେ ଆଲୋଚନା କରାଯାଇଥିଲା। ଚଳିତ ମାସର ଶେଷ ଭାଗରେ ଶୂଳିଆପଦା ବ୍ଲକରେ ଏକ ରାଲି କରିବା ସହିତ ବିଡିଓଙ୍କ ଅଫିସ ଆଗରେ ଧାରଣା ଦିଆଯିବ ବୋଲି ବୈଠକରେ ସ୍ଥିର ହୋଇଥିଲା। ଏହା ବ୍ୟତୀତ ଜିଲା ଓ ରାଜ୍ୟସ୍ତରରେ ଅନୁଷ୍ଠିତ ହେବାକୁ ଥିବା ରାଲିରେ ବହୁ ସଂଖ୍ୟାରେ ଯୋଗଦାନ ପାଇଁ ସମସ୍ତଙ୍କୁ ଅନୁରୋଧ କରାଯାଇଥିଲା। ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କୁଲିଅଣା,୮।୧୨(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ଚାନ୍ଦୁଆ ଥାନା ଅଧୀନ ପୁରୁଣାପାଣି ପଞ୍ଚାୟତର ଆମ୍ବପୁଞ୍ଜା ଗ୍ରାମ ନିକଟସ୍ଥ ରାସ୍ତା କଡ଼ ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ଜଣକ ମସ ମୁର୍ମୁ (୧୯) ଓ ତାଙ୍କ ଘର ସ୍ଥାନୀୟ ବଳରାମପୁର ଗ୍ରାମରେ ବୋଲି ଜଣାପଡ଼ିଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ଥାନା ଏଏସଆଇ ହରିଶ ଚନ୍ଦ୍ର ରାୟ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦାସ୍ଥିତ ପିଆରଏମ ମେଡିକାଲକୁ ପଠାଇଛନ୍ତି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୯/୧୯) ରୁଜୁ ହୋଇଛି।

# ଖୋଲୁନି ମଣ୍ଡି, ସକ୍ରିୟ ହେଲେଣି ବେପାରୀ

କପ୍ତିପଦା,୮।୧୨(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଅଞ୍ଚଳରେ ଧାନ ମଣ୍ଡି ଖୋଲିବାରେ ବିଳମ୍ବ ଯୋଗୁ ବେପାରୀମାନେ ସକ୍ରିୟ ହୋଇ ପଡ଼ିଥିବା ଦେଖିବାକୁ ମିଳିଛି। ଧାନ ଅମଳ କରି ଏହାକୁ ସାଇତି ରଖିବା ପାଇଁ ପୂର୍ବ ପ୍ରସ୍ତୁତି ଠିକ୍ ଭାବରେ କରି ନ ଥିବାରୁ ଚାଷୀମାନେ ବିକ୍ରି କରିବା ପାଇଁ ବାଧ ହେଉଛନ୍ତି। ଯାହାକି ବେପାରୀ ଓ ମିଲରମାନଙ୍କୁ ବେଶ୍ ସୁହାଇଛି। ଫଳରେ ସେମାନେ ଚାଷୀମାନଙ୍କଠାରୁ କମ୍ ଦାମରେ ଧାନ କିଣି ନେଉଛନ୍ତି।

କପ୍ତିପଦା ବ୍ଲକ୍‌ରେ ଚଳିତ ବର୍ଷ କେବଳ ଲ୍ୟାମ୍ପସ ମାଧ୍ୟମରେ ଧାନ କିଣିବା ପାଇଁ ସିଦ୍ଧାନ୍ତ ହୋଇଛି। କପ୍ତିପଦା ଲ୍ୟାମ୍ପସ ପରିଚାଳକ ବିକାଶ ରଞ୍ଜନ ଦାସଙ୍କ ଅନୁଯାଇ ଚଳିତ ବର୍ଷ କପ୍ତିପଦା ବ୍ଲକ୍‌ରେ ଜେ.ଏସ୍. ଜାମଡ଼ିହା ଲ୍ୟାମ୍ପସ ମାଧ୍ୟମରେ ଜାମୁଡିହା, ଗୌଡଗାଁ ଓ ନୁଦୁଡିହାଠାରେ, ଶାଳଚୁଆ ଲ୍ୟାମ୍ପସ ମାଧ୍ୟମରେ ଶାଳଚୁଆ, ନୂଆସାହି, କଳମଗଡିଆ ଓ ଶରତଠାରେ ଏବଂ କପ୍ତିପଦା ଲ୍ୟାମ୍ପସ ମାଧ୍ୟମରେ କପ୍ତିପଦା ଓ ବିଶୋଳ ଆଦି ୯ଟି ସ୍ଥାନରେ ଧାନକ୍ରୟ କରାଯିବା ନିମନ୍ତେ ପ୍ରସ୍ତାବ ରହିଥିବା ଉପଖଣ୍ଡସ୍ତରୀୟ ବୈଠକ ସ୍ଥିର ହୋଇଛି। ଜଣେ ଚାଷୀ ତାଙ୍କ ଜମି ଅନୁସାରେ ପଞ୍ଜୀକୃତ ହୋଇଥିବା ଧାନ ଲ୍ୟାମ୍ପସରେ ବିକ୍ରି କରିପାରିବେ ବୋଲି ବିଭାଗ ସୂତ୍ରରୁ ପ୍ରକାଶ। ଆଗାମୀ ଡିସେମ୍ବର ୧୭ ତାରିଖଠାରୁ ଏହି ଧାନ କ୍ରୟ ହେବାର ବୈଠକରେ ସ୍ଥିର ହୋଇଥିବା ଦାସ ସୂଚନା ଦେଇଛନ୍ତି। ଅନ୍‌ଲାଇନରେ ଆବେଦନ କରିଥିବା ଚାଷୀଙ୍କ ତାଲିକା ଜିଲା କାର୍ଯ୍ୟାଳୟରୁ ପାଇବା ପରେ ଧାନ କିଣା ପ୍ରକ୍ରିୟା ଆରମ୍ଭ ହେବ ବୋଲି ସେ ସୂଚନା ଦେଇଛନ୍ତି। ମାତ୍ର ଆଦିବାସୀ ଅଧୁଷିତ ଏହି ଅଞ୍ଚଳରେ ଅନ୍‌ଲାଇନରେ ଆବେଦନକୁ ନେଇ ଚାଷୀଙ୍କମାନଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ଏହାଦ୍ୱାରା ବହୁ ଚାଷୀ ଗତ ବର୍ଷ ଲ୍ୟାମ୍ପ ମାଧ୍ୟମରେ ଧାନ ଦେଇ ନ ପାରି ଦଲାଲଙ୍କ ଦ୍ୱାରା ଶୋଷଣର ଶିକାର ହୋଇଥିଲେ।



ଅମଳ ଧାନକୁ ବିକ୍ରି ପାଇଁ ଅଖାରେ ପୂରାଇ ସାଇତି ରଖାଯାଉଛି।

ଚଳିତ ବର୍ଷ ମଧ ଏହି ସମ୍ଭାବନା ସୃଷ୍ଟି ହୋଇଛି। ଶରତ ଲ୍ୟାମ୍ପସଟି ଦୀର୍ଘ ଦିନ ଧରି ବନ୍ଦ ରହିଛି। ଯାହା ଫଳରେ ଶରତ, ନଟୋ, କଳମଗଡିଆ, ରାଣୀପୋଖରୀ, ଲାବଣ୍ୟଦେଇପୁର ଆଦି ପଞ୍ଚାୟତର ଚାଷୀମାନେ ଦୂରତ୍ୱ ପାଇଁ ଲ୍ୟାମ୍ପସରେ ଧାନ ଦେଇ ନ ପାରି ଅଭାବୀ ଧାନ ବିକ୍ରି କରିବାକୁ ବାଧ ହୋଇଥାନ୍ତି। ଚଳିତ ବର୍ଷ କଳମଗଡିଆ ଓ ଶରତଠାରେ ଧାନ କିଣାଯିବା ପାଇଁ ସ୍ଥିର ହୋଇଥିବାରୁ ଚାଷୀମାନେ ଉତ୍ସାହିତ ଅଛନ୍ତି। ମାତ୍ର ସଚେତନତା ଅଭାବରୁ ଏହି ଅଞ୍ଚଳର

**ଅମଳ ଧାନ ସାଇତି ରଖିବା ଚିନ୍ତାରେ ଚାଷୀ**

ଖୁବ୍ କମ୍ ସଂଖ୍ୟକ ଚାଷୀ ଅନ୍‌ଲାଇନରେ ଆବେଦନ କରିଛନ୍ତି। ଅଦ୍ୟାବଧି ଲ୍ୟାମ୍ପସ୍‌ମାନଙ୍କରେ ଧାନକ୍ରୟ କେନ୍ଦ୍ର ଖୋଲା ଯାଇ ନ ଥିବାରୁ ପୋଡ଼ାଡ଼ିହାର ଚାଷୀ ଚନ୍ଦ୍ରଶେଖର ପାଳବାବୁ, ନିଶାକର ମଢେଇ, ଶୁକ୍ରାମ୍ ମୁଣ୍ଡା, ଓ ରାମଚନ୍ଦ୍ର ବାରିକ ଅସନ୍ତୋଷ ପ୍ରକାଶ କରିବା ସହିତ ଯଥାଶୀଘ୍ର ଧାନକ୍ରୟ ଆରମ୍ଭ କରିବାକୁ ଦାବି କରିଛନ୍ତି। ଚଳିତ ବର୍ଷ ଚାଷୀମାନଙ୍କର ଅଭାବୀ ଧାନ ବିକ୍ରିକୁ ରୋକିବା ପାଇଁ ସରକାରଙ୍କ ତରଫରୁ ଏଫ୍‌ଏକ୍ୟୁ ଧାନ କୁଇଣ୍ଟାଲ ପିଛା ୧୮୧୫ଟଙ୍କା ଓ ଉନ୍ନତ ମାନର ଧାନ ପାଇଁ ୧୮୩୫ଟଙ୍କା ଧାର୍ଯ୍ୟ ହୋଇଛି। ଆଦିବାସୀ ବହୁଳ ଏହି ବ୍ଲକ୍ ଅଞ୍ଚଳର ୭୦ଭାଗ ଲୋକ ଚାଷ ଉପରେ ନିର୍ଭର କରୁଥିବା ବେଳେ ଅମଳ ପରେ ଏହାକୁ ବିକ୍ରି କରି ସେମାନଙ୍କର ଜୀବନ ଜୀବିକା ନିର୍ବାହ କରିଥାନ୍ତି। ଏହା ବ୍ୟତୀତ ଏହି ବ୍ଲକ୍ ଅଧୀନରେ କାଳ ଓ ସୁନେଇ ଦୁଇଟି ମଧ୍ୟମ ଜଳସେଚନ ପ୍ରକଳ୍ପ ଥିବାରୁ ତାର ମୁଖ୍ୟ, ଶାଖା ଓ ପ୍ରଶାଖା କେନାଲ ଦ୍ୱାରା ଗୌଡ଼ଗାଁ, ନଛିପୁର, କୁଆଗଠଣା, ପେଡ଼ାଗଡ଼ି, କରପଦା, ଗୁହିରା, ଗୁଣ୍ଠବଣୀ, ମହୁଲବଣୀ, ଅସ୍ତପୁରା, ଘିଁପୁରା, ଗୋଠପୁରା, କୁକୁରଡ଼ିମା, ପୁଟଳଡ଼ିହା, ନୂଆଗାଁ, ସର୍ବଣା, ତଳିଆ, ପିଙ୍ଗୁ, ନୁଦୁଡ଼ିହା, ନର୍ସିଙ୍ଗବେଡ଼ା, କାଠପାଳ, ଅସନବଣୀ, ଗଡ଼ିଆପାଳ, ଚୁଇଁପୋଷୀ ଓ ଫୁଲବାଡ଼ିଆ ଆଦି ଗ୍ରାମର ବହୁ ଜମି ଜଳସେଚିତ ହେଉଛି। ଫଳରେ ଏଠାରେ ମୁଖ୍ୟତଃ ଧାନ ଉତ୍ପାଦନ ଓ ବିକ୍ରି ଅଧିକ ମାତ୍ରାରେ ହୋଇଥାଏ। ତେଣୁ ଯଥାଶିଘ୍ର ଧାନ କ୍ରୟ କେନ୍ଦ୍ର ଖୋଲି ବିଭାଗ ଏହି ବ୍ଲକ୍ ଅଧୀନରେ ଥିବା ଲ୍ୟାମ୍ପଗୁଡ଼ିକୁ ଧାନ କିଣିବା ପାଇଁ ପରାମର୍ଶ ଦେବାକୁ ଚାଷୀମାନଙ୍କ ପକ୍ଷରୁ ଦାବି ହେଉଛି।




■ନାଗରିକ ସଚେତନତା ଶିବିର

# ଅଧିକାର ହାସଲ ଉପରେ ଗୁରୁତ୍ୱ

ଢେଙ୍କାନାଳ ଅଫିସ, ୮।୧୨

ଢେଙ୍କାନାଳ ସଚେତନ ନାଗରିକ ଫୋରମ୍ ପକ୍ଷରୁ ଭାଲିଆବୋଲକାଟେଣୀ ପଞ୍ଚାୟତ କଅଁରପୁରରେ ରବିବାର ନାଗରିକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଅର୍ଜ୍ଜୁନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରମିକ ନେତା ଯୋଗେନ୍ଦ୍ରନାଥ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପଦ୍ମଭୂଷଣ ଡ.ରାଧାନାଥ ରଥଙ୍କ ଜୀବନାଦର୍ଶ ଉପରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଆଇନଜୀବୀ ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ କହିଲେ, ନିରନ୍ତର ଲୋକ ଅଦାଲତ ଏବଂ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବିନା ଦେୟରେ ଆଇନ ସହାୟତା ଯୋଗାଇ ଦିଆଯାଉଛି। ଅଧିକାର ହାସଲ ଲାଗି ଏହାର ସୁଯୋଗ ନେବାକୁ ସେ ଆହ୍ୱାନ ଦେଇଥିଲେ।


ଶିବିରରେ ଫୋରମ୍‌ର କର୍ମକର୍ତ୍ତାଙ୍କ ସମେତ ଅନ୍ୟମାନେ।

ସମ୍ମାନିତ ଅତିଥି ଭାବେ ଫୋରମ୍‌ର ଜିଲା ସଭାପତି ପ୍ରଦ୍ୟୁମ୍ନ ରଥ ଯୋଗଦେଇ ନିଶାଠାରୁ ଦୂରେଇ ରହିବା, ପିଲାଙ୍କୁ ପାଠପଢ଼ାଇ ଶିକ୍ଷିତ କରାଇବା ଉପରେ ଗୁରୁତ୍ୱାରୋପ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଜିଲା ସମ୍ପାଦକ ଭରତ ଦାସ, ଉପସଭାପତି ଅଖିଳ ମହାପାତ୍ର, ସଦର ବ୍ଲକ ମହିଳା ଆବାହିକା ଗୀତାରାଣୀ ବେହେରା, ସଭ୍ୟ ସନ୍ତୋଷ ପଣ୍ଡା, ଶଙ୍କରପୁରର ବସନ୍ତ ବେହେରା, ଗ୍ରାମ ମୁଖିଆ ଅଚ୍ୟୁତ ଦେହୁରୀ, ସୁରଜିତ୍ ପାଣି ପ୍ରମୁଖ ଯୋଗ ଦେଇଥିଲେ। ଶିବିର ଶେଷରେ ୪୦ଜଣଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା।

# ଫିଟ୍ଇଣ୍ଡିଆ ମୁଭ୍‌ମେଣ୍ଟ ସପ୍ତାହ ଉଦ୍‌ଯାପିତ

ଢେଙ୍କାନାଳ ଅଫିସ, ୮।୧୨

ଢେଙ୍କାନାଳ ସଦର ବ୍ଲକ ରଣପଶିସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ଫିଟ୍ ଇଣ୍ଡିଆ ମୁଭ୍‌ମେଣ୍ଟ ସପ୍ତାହ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଯୋଗଶିକ୍ଷା ବ୍ୟାୟାମ, ଏରୋବିକ୍ସ, ଟାଏକୋଣ୍ଡୋ, ନୃତ୍ୟ, କୁଇଜ୍, ରଚନା, ଚିତ୍ରାଙ୍କନ ସମେତ ବିଭିନ୍ନ ବିଭାଗରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରମାନେ ଆତ୍ମରକ୍ଷାର କୌଶଳ ପ୍ରଦର୍ଶନ କରିଥିଲେ। ଥାନା ଅଧିକାରୀ ସନ୍ଧ୍ୟାରାଣୀ ବେହୁରିଆ, ଉପନିରୀକ୍ଷକ ସୌଭାଗ୍ୟ ପାଣି, ବିଦ୍ୟାଳୟର ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ପାଣିଗ୍ରାହୀ, ଉପାଧ୍ୟକ୍ଷ


ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

କାକୋଲି ବୋଷ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସଞ୍ଜୀୟ କୁମାର ମଲ୍ଲିକ, ମହମ୍ମଦ କାଫିଲ୍, ସନାତନ, ଜିତିନ୍, ତପନ ସ୍ୱାଇଁ, ସୌମ୍ୟବ୍ରତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ରେୟା ଚେସ୍ ଏକାଡେମୀ ପକ୍ଷରୁ ପ୍ରତିଯୋଗିତା

ଢେଙ୍କାନାଳ ଅଫିସ, ୮।୧୨

ଢେଙ୍କାନାଳ କାଲଟାକ୍ସ ରତନବଜାରସ୍ଥିତ ଶ୍ରେୟା ଚେସ୍ ଏକାଡମୀ ପକ୍ଷରୁ ରବିବାର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଏକାଡେମୀ ପକ୍ଷରୁ ରଙ୍ଗଭରୋ, ଚିତ୍ରାଙ୍କନ ଏବଂ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରଙ୍ଗଭରୋ ପ୍ରତିଯୋଗିତାରେ ଅମନ ପଟ୍ଟନାୟକ, ସାଇସୁରଜ ରାଉତ, ତନ୍‌ଭି ମିଶ୍ର, ଚିତ୍ରାଙ୍କନରେ ଅର୍ଣ୍ଣବ କୁମାର ଆଏଚ, ଆହାନା ନନ୍ଦ, ଉତ୍କଳଜିତ୍ ରଥ, ଚେସ୍‌ରେ ପୀୟୂଷ କୁମାର ସାହୁ, ସାନ୍‌ଭି ମିଶ୍ର, ଯେଶନା ବେହେରା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ହାସଲ କରିଛନ୍ତି। ପିଲାଙ୍କ ପ୍ରତି କର୍ତ୍ତବ୍ୟନିଷ୍ଠା, ଚେସ୍ କ୍ରୀଡ଼ା ପ୍ରତି ଆଗ୍ରହ ବୃଦ୍ଧି, ପୋଷାକ ପରିଧାନ ପ୍ରତି ସଚେତନକୁ ନେଇ ୩ଜଣ ଅଭିଭାବକଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ମଞ୍ଜୁଶ୍ରୀ ମିଶ୍ର, ଦେବେନ୍ଦ୍ର କୁମାର ମିଶ୍ର ସର୍ବଶ୍ରେଷ୍ଠ ଅଭିଭାବକଭାବେ ପୁରସ୍କୃତ ହୋଇଥିଲେ। ଅତିଥି ଭାବେ ବିଶିଷ୍ଟ ଲେଖକ ଉମେଶ ଚନ୍ଦ୍ର ଦାସ, ନୀହାର ରଞ୍ଜନ ସାସ୍‌ମଲ, ମନୋଜ କୁମାର ରାୟ, ବିଜୟ କୁମାର ସ୍ୱାଇଁ, ନୀରଦାନନ୍ଦ ନନ୍ଦ ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

ଏକାଡେମୀର ନିର୍ଦ୍ଦେଶିକା ସାଗରିକା ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପାଦକ ଜ୍ୟୋତିରଞ୍ଜନ ମହାରଣା, ସଂଯୋଜିକା ଗୀତାଞ୍ଜଳି ନନ୍ଦ, ସ୍ୱର୍ଣ୍ଣଲତା ମିଶ୍ର, ପୁଷ୍ପାଞ୍ଜଳି ବେହେରା, ବନ୍ଦନା ପଣ୍ଡା, ମନୋରଞ୍ଜନ ପତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ